



### ପ୍ରଥମରୁ ଅଷ୍ଟମ ଶ୍ରେଣୀ ବହିରେ ମାଳମାଳ ତ୍ରୁଟି ଘଟଣା

# ଜୋର୍ ଧରିଲା ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି

ଭୁବନେଶ୍ୱର, ୧୭।୬(ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ବହିରେ ମାଳମାଳ ତ୍ରୁଟି ଘଟଣାରେ ସାରା ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିରୋଧୀ ବିଜେଡି ଓ କଂଗ୍ରେସ ସରକାରଙ୍କୁ ଟାର୍ଗେଟ କରିଥିବାବେଳେ ମୁଖ୍ୟମନ୍ତ୍ରୀ ମଧ୍ୟ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ୩ ଜଣିଆ ତଦନ୍ତ କମିଟି ଗଠନ କରି ସପ୍ତାହେ ମଧ୍ୟରେ ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ଶିକ୍ଷା ଓ ଭାଷା ସହ ଜଡ଼ିତ ବହୁ ସଂଗଠନ ଏହାକୁ ସରକାରୀ ଅବହେଳା ଓ ଅକ୍ଷମଣୀୟ ତ୍ରୁଟି ଦର୍ଶାଇ ତୀବ୍ର ନିନ୍ଦା କରିଛନ୍ତି। ଦିନକୁ ଦିନ ବିବାଦ ବଢ଼ୁଥିବାବେଳେ ସରକାର ନୂତନ ଭାବେ ତ୍ରୁଟିଶୂନ୍ୟ ପୁସ୍ତକ ଛାପିବାକୁ ଏଯାଏଁ ନିର୍ଦ୍ଦେଶ ଦେଇନାହାନ୍ତି। ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହିତ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି ମଧ୍ୟ ଜୋର ଧରିଛି।

### ଯୁଦ୍ଧକାଳୀନ ଭିତ୍ତିରେ ତ୍ରୁଟିଶୂନ୍ୟ ପୁସ୍ତକ ଯୋଗାଯାଉ

ପିଲାଙ୍କ ପାଠ୍ୟପୁସ୍ତକରେ ମାଳମାଳ ଭୁଲ୍ ଏକ ଅପରାଧିକ କାର୍ଯ୍ୟକଳାପ। ଅତ୍ୟନ୍ତ ତରବରିଆ ଭାବେ ଯାଞ୍ଚ ନ କରି ଛାପିବା ସହ ସିଧାସଳଖ ସ୍କୁଲକୁ ପଠାଯାଇଛି। ତ୍ରୁଟିପୂର୍ଣ୍ଣ ପୁସ୍ତକ ପ୍ରତ୍ୟାହାର କରି ଯୁଦ୍ଧକାଳୀନ ଭିତ୍ତିରେ ନୂତନ ତ୍ରୁଟିଶୂନ୍ୟ ପୁସ୍ତକ ଯୋଗାଇ ଦିଆଯାଉ। ଉଚ୍ଚସ୍ତରୀୟ ତଦନ୍ତ କରି ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କଠୋର ଦଣ୍ଡବିଧାନ କରାଯାଉ।

- ପ୍ରଫେସର ବିରେନ୍ଦ୍ର ନାୟକ, ଓଡ଼ିଶା ଶାଖା ସଭାପତି, ଭାରତ ଶିକ୍ଷା ବଞ୍ଚାଅ କମିଟି

### ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ

ପାଠ୍ୟପୁସ୍ତକରେ ଅକ୍ଷମଣୀୟ ତ୍ରୁଟି ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ତୁରନ୍ତ ଇସ୍ତଫା ପ୍ରଦାନ କରନ୍ତୁ। ପୁସ୍ତକ ପ୍ରକାଶନ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୁଦ୍ଧରେ ମାମଲା ରୁଜୁ ସହିତ ସେମାନଙ୍କ ନିକଟରୁ ସମସ୍ତ ଅର୍ଥ ଭରଣା କରାଯାଉ। ଏପରି ତ୍ରୁଟି ଇତିହାସରେ ବିରଳ। ଯେଉଁ ସଂସ୍ଥା କିମ୍ବା ବ୍ୟକ୍ତି ଏହି ପୁସ୍ତକ ପ୍ରକାଶନ ଦାୟିତ୍ୱରେ ଥିଲେ, ସେମାନଙ୍କ ତାଲିକା ସହ କେତେ ଟଙ୍କା ଲେଖାଏଁ ନେଇଛନ୍ତି ତାର ତଥ୍ୟ ସରକାର ସାର୍ବଜନୀନ କରନ୍ତୁ। ସେହି ସଂସ୍ଥାକୁ କଳା ତାଲିକାଭୁକ୍ତ କରିବା ସହିତ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଗିରଫ କରାଯାଉ।

- ହେମନ୍ତ ରଥ, କଳିଙ୍ଗ ସେନା ସୁପ୍ରିମୋ

### କୋମଳମତି ପିଲାଙ୍କ ଭବିଷ୍ୟତ ସହ ଖେଳୁଛନ୍ତି ସରକାର

ରାଜ୍ୟର ଲକ୍ଷଲକ୍ଷ କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ରାଜ୍ୟ ସରକାର ଖେଳୁଛନ୍ତି। ଏତେବଡ଼ ତ୍ରୁଟିକୁ ଛୋଟିଆ ଭୁଲ ଦର୍ଶାଇବା ଅତ୍ୟନ୍ତ ନିନ୍ଦନୀୟ ଓ ଚିନ୍ତାଜନକ। ସରକାର ୧୬୭୮ଟି ଭୁଲ୍ ସ୍ୱୀକାର କରିଥିବାବେଳେ ଆହୁରି ଅନେକ ତ୍ରୁଟି ରହିଛି। ତୁରନ୍ତ ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି ୨୦୨୦କୁ ସମ୍ପୂର୍ଣ୍ଣ ବାତିଲ କରିବା ସହିତ ବିଜ୍ଞାନ ସମ୍ମତ ପାଠ୍ୟକ୍ରମ ପ୍ରଚଳନ କରାଯାଉ। ଗଣଶିକ୍ଷା ମନ୍ତ୍ରୀଙ୍କ ସମେତ ପୁସ୍ତକ ପ୍ରସ୍ତୁତ କରିଥିବା ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯାଉ।

- ସୋମନାଥ ବେହେରା, ଏଆଇଡିଏସଓ ରାଜ୍ୟ ସଭାପତି

### ତଦନ୍ତ ବାଟବଣା ନ ହେଉ

ଜାତୀୟସ୍ତରରେ ନୂତନ ପାଠ୍ୟପୁସ୍ତକ ପ୍ରସ୍ତୁତ କରିବାକୁ ଏନ୍‌ସିଆର୍‌କୁ ୨ରୁ ୩ ବର୍ଷ ଲାଗୁଛି। ହେଲେ ଗଣଶିକ୍ଷା ବିଭାଗ ତରବରିଆ ଭାବେ ୩ରୁ୪ମାସ ଭିତରେ ନୂଆ ପାଠ୍ୟପୁସ୍ତକ କାହିଁକି ପ୍ରସ୍ତୁତି କଲା? ତ୍ରୁଟିପୂର୍ଣ୍ଣ ପୁସ୍ତକ ପ୍ରଦାନ ପରେ ଓସେପା ପକ୍ଷରୁ ସେଥିରେ ଥିବା ତ୍ରୁଟି ବାହାର କରିବା ସହ ତ୍ରୁଟି ସଂଶୋଧନ କରି ପଢ଼ାଇବାକୁ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦିଆଗଲା। କିନ୍ତୁ ନୂଆ ପାଠ୍ୟ ପୁସ୍ତକର ସଫ୍ଟ କପି 'ପ୍ରବୋଧନା' ତାଲିମ ସମୟରେ ଦିଆଗଲା ନାହିଁ। ସେହି ସମୟରେ ଯଦି ସଫ୍ଟ କପି ଦିଆଯାଇଥାନ୍ତା, ତାହେଲେ ଏଭଳି ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା। ତାଲିମ ସମୟରେ ଶିକ୍ଷକମାନେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ସଂଶୋଧନ କରି ପାରିଥାନ୍ତେ। ପାଠ୍ୟ ପୁସ୍ତକରେ କେବଳ ମୁଦ୍ରଣ ଜନିତ ତ୍ରୁଟି, ସ୍ଥାନ ପରିବର୍ତ୍ତନ ଓ ଫଟୋ ଚିତ୍ରରେ ତ୍ରୁଟି ହୋଇନାହିଁ, ବରଂ ବହୁ କୁସଂସ୍କାର, ଅନ୍ଧବିଶ୍ୱାସ, ପୁରାତନ ଓ ପୌରାଣିକ ବିଷୟ ସ୍ଥାନ ପାଇଛି। ତିନିଜଣିଆ ତଦନ୍ତ କମିଟି ଗଠନ ହୋଇଥିଲେ ମଧ୍ୟ ତଦନ୍ତର ଦିଗ ଯେପରି ବାଟବଣା ନହୁଏ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ।

- ବ୍ରହ୍ମାନନ୍ଦ ମହାରଣା, ସଭାପତି, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ

### ବିଚାର ବିଭାଗୀୟ ତଦନ୍ତ ହେଉ

ଅସମ୍ବେଦନଶୀଳ ଓ ଅତ୍ୟନ୍ତ ଦାୟିତ୍ୱହୀନ ଭାବେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ଛାପିବା ଓ ପିଲାଙ୍କୁ ବାଣ୍ଟିବାରେ ସରକାରୀ ଅଧିକାରୀଙ୍କ ଭୂମିକା ରହିଛି। ଏସ୍‌ସିଇଆର୍‌ଟିର ପୂର୍ବତନ ନିର୍ଦ୍ଦେଶକ ଓ ତତ୍କାଳୀନ ଗଣଶିକ୍ଷା ବିଭାଗ ସଚିବ ସରସ୍ୱତୀ ଶିଶୁ ମନ୍ଦିର ଭଳି କିଛି ଘରୋଇ ବିଦ୍ୟାଳୟର ଶିକ୍ଷକ ଏବଂ ଆରଏସ୍‌ଏସ୍ ସଂଗଠନର କିଛି ପ୍ରମୁଖ କର୍ମକର୍ତ୍ତାଙ୍କୁ ପୁସ୍ତକ ପ୍ରସ୍ତୁତ ପାଇଁ ପ୍ରମୁଖ ଦାୟିତ୍ୱ ଦେଇଥିଲା। ବିଷୟବସ୍ତୁ ଲିଖନ ଏବଂ ପ୍ରୁଫ-ରିଡିଂ ବା ତ୍ରୁଟି ସଂଶୋଧନ ପାଇଁ ଗଠିତ କମିଟି ସମ୍ପୂର୍ଣ୍ଣ ଅନଭିଜ୍ଞ ଓ ଅଯୋଗ୍ୟ। ଏଣୁ ସେମାନଙ୍କୁ ନିଯୁକ୍ତ କରିଥିବା ଦୁଇ ଅଧିକାରୀ ମଧ୍ୟ ଏହି ଅକ୍ଷମଣୀୟ ତ୍ରୁଟି ପାଇଁ ଦାୟୀ। ତେଣୁ ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ସହ ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତିଙ୍କ ତତ୍ତ୍ୱାବଧାନରେ ନ୍ୟାୟିକ ତଦନ୍ତ କରାଯାଉ।

- ପ୍ରସନ୍ନ ବିଷୋୟୀ, କାର୍ଯ୍ୟକାରୀ ସଭାପତି, ଓଡ଼ିଶା ଅଭିଭାବକ ମହାସଂଘ

# ମଦମୁକ୍ତ ଓଡ଼ିଶା ଦାବିରେ ତ୍ରିରଙ୍ଗା ଯାତ୍ରାର ଷଷ୍ଠ ଦିବସ



ଭୁବନେଶ୍ୱର, ୧୭।୬(ସମିସ): ବିଜେପି ସରକାର ନିଜର ଦୁଇବର୍ଷ ପୂର୍ତ୍ତୀ ଉତ୍ସବ ପାଳନ କରୁଥିବା ବେଳେ ରାଜ୍ୟକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ପାଇଁ ଦେଇଥିବା ନିର୍ବାଚନ ପ୍ରତିଶ୍ରୁତିକୁ ଭୁଲିଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୨୪ ସାଧାରଣ ନିର୍ବାଚନ ସମୟରେ ବିଜେପି ପକ୍ଷରୁ ଜାରି କରାଯାଇଥିବା ସଙ୍କଳ୍ପ ପତ୍ରରେ ଓଡ଼ିଶାକୁ ମଦମୁକ୍ତ ରାଜ୍ୟ କରିବା ପାଇଁ ଘୋଷଣା କରିଥିଲା। ଓଡ଼ିଶାକୁ ମଦମୁକ୍ତ କରିବା ପରିବର୍ତ୍ତେ ଓଡ଼ିଶାରେ ବିଜେପି ସରକାର ମଦ ପ୍ରସାରଣ କାର୍ଯ୍ୟରେ ମାତିଛନ୍ତି। ଏହାର ପ୍ରତିବାଦ କରି ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ତୁରନ୍ତ ରାଜ୍ୟ ସରକାର ନିଜର ନିର୍ବାଚନ ପ୍ରତିଶ୍ରୁତି ରକ୍ଷା କରି ଓଡ଼ିଶାକୁ ସମ୍ପୂର୍ଣ୍ଣ ମଦମୁକ୍ତ ପାଇଁ ସରକାରଙ୍କ ନିକଟରେ କ୍ରମାଗତ ଭାବେ ଦାବି କରିଆସୁଛି। ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ଚାଲିଥିବା ଏହି ତ୍ରିରଙ୍ଗା ଯାତ୍ରା ଷଷ୍ଠ ଦିବସରେ ପହଞ୍ଚିଛି। ସମ୍ପୂର୍ଣ୍ଣ ନିଶା ନିବାରଣ ଆଇନର ପ୍ରଣେତା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତୀ ଠାରୁ ଆରମ୍ଭ ହୋଇଥିବା ତ୍ରିରଙ୍ଗା ଯାତ୍ରା ଆଜି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା। ସରକାର ଓଡ଼ିଶାକୁ ମଦମୁକ୍ତ ରାଜ୍ୟ ଘୋଷଣା କରିବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଏହି ତ୍ରିରଙ୍ଗା ଯାତ୍ରା ଜାରି ରହିବ ବୋଲି ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଷଷ୍ଠ ଦିନର ଏହି ତ୍ରିରଙ୍ଗା ଯାତ୍ରାରେ ପ୍ରସନ୍ନ କୁମାର ବିଷୋୟୀ, ବାସୁଦେବ ଭଟ୍ଟ, ପ୍ରଣତୀ ଜେନା, ଗୀତାଞ୍ଜଳୀ ସ୍ୱାଇଁ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଓଡ଼ିଶାରେ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀର ବିକାଶ ନେଇ ରାଜ୍ୟସ୍ତରୀୟ କର୍ମଶାଳା



- 'ମିଶନ-ମୋଡ୍'ରେ ଆଗକୁ ବଢ଼ିବାକୁ ବିଭାଗୀୟ ମନ୍ତ୍ରୀଙ୍କ ନିର୍ଦ୍ଦେଶ
- 'ପୁରୀ-କୋଣାର୍କ' ଏବଂ 'ହୀରାକୁଦ' ବିଷୟରେ ଉପସ୍ଥାପନା

ଭୁବନେଶ୍ୱର, ୧୭।୬(ସମିସ): ଲୋକସେବା ଭବନରେ "ଓଡ଼ିଶାରେ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳୀର ବିକାଶ' ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳା ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କ ଯୋଜନା "ଏକ ରାଜ୍ୟ-ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ' ଅଧୀନରେ ପ୍ରତ୍ୟେକ ରାଜ୍ୟରେ ଅତିକମ୍‌ରେ ଗୋଟିଏ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳୀ ବିକଶିତ କରିବା ପାଇଁ ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟର ସଙ୍କଳ୍ପ ଅନୁଯାୟୀ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଦ୍ୱାରା ଏହି କର୍ମଶାଳା ଆୟୋଜିତ ହୋଇଥିଲା। ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧି, ରୋଜଗାର ସୃଷ୍ଟି, ଉଦ୍ୟୋଗିତା ବିକାଶ ଏବଂ ଆଞ୍ଚଳିକ ସମୃଦ୍ଧି କ୍ଷେତ୍ରରେ ପର୍ଯ୍ୟଟନ ଏକ ପ୍ରମୁଖ ମାଧ୍ୟମ ସାଜିବାର ସମସ୍ତ ସାମର୍ଥ୍ୟ ରଖିଛି। ଓଡ଼ିଶାର ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ବିଶ୍ୱସ୍ତରୀୟ ଭିତ୍ତିଭୂମି, ଉତ୍କୃଷ୍ଟ ସେବା ଓ ପର୍ଯ୍ୟଟକମାନଙ୍କୁ ଅନନ୍ୟ ଅନୁଭୂତି ପ୍ରଦାନ କରି ଆନ୍ତର୍ଜାତୀୟ ସ୍ତରରେ ପ୍ରତିଯୋଗିତାମୂଳକ କରିବା ପାଇଁ ସମସ୍ତ ସଂଶ୍ଳିଷ୍ଟ ବିଭାଗ ମଧ୍ୟରେ ସମନ୍ୱୟ ଏବଂ ମିଳିତ ପ୍ରୟାସ ଜରୁରୀ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। ସମ୍ପୃକ୍ତ ବିଭାଗକୁ ପର୍ଯ୍ୟଟନ ବିଭାଗ ସହିତ ଘନିଷ୍ଠ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଏବଂ ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ବିକାଶ ପାଇଁ "ମିଶନ-ମୋଡ୍' ରେ ଆଗକୁ ବଢ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ବିଭାଗ ପକ୍ଷରୁ ଏହି ଯୋଜନା ଅଧୀନରେ ଦୁଇଟି ପ୍ରସ୍ତାବିତ ପର୍ଯ୍ୟଟନ ସ୍ଥଳୀ 'ପୁରୀ-କୋଣାର୍କ' ଏବଂ 'ହୀରାକୁଦ' ବିଷୟରେ ଉପସ୍ଥାପନା କରାଯାଇଥିଲା। କର୍ମଶାଳାରେ ଯୋଗଦେଇଥିବା ପ୍ରତିନିଧିମାନେ ପର୍ଯ୍ୟଟନ ସ୍ଥଳୀର ଯୋଜନା ପ୍ରସ୍ତୁତି, 'ଡେଷ୍ଟିନେସନ ମ୍ୟାନେଜମେଣ୍ଟ ଅର୍ଗାନାଇଜେସନ' ପ୍ରତିଷ୍ଠା, ଭିତ୍ତିଭୂମି ବିକାଶ, ପର୍ଯ୍ୟଟକଙ୍କ ପରିଚାଳନା, ସ୍ଥାୟୀତ୍ୱ, ପ୍ରଶାସନିକ ଚୌହଦୀ, ଘରୋଇ କ୍ଷେତ୍ରର ଅଂଶଗ୍ରହଣ ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଭଳି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଥିଲେ। ଓଡ଼ିଶା ପର୍ଯ୍ୟଟନ ନୀତି ଅଧୀନରେ ପର୍ଯ୍ୟଟନ ସୁବିଧା ସୁଯୋଗର ଉନ୍ନତି, ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ, ପର୍ଯ୍ୟଟକଙ୍କ ଅନୁଭୂତିକୁ ସମୃଦ୍ଧ କରିବା ଏବଂ ଦାୟିତ୍ୱପୂର୍ଣ୍ଣ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। କର୍ମଶାଳାରେ ପର୍ଯ୍ୟଟନ ବିଭାଗର ସଚିବ (ଭାରପ୍ରାପ୍ତ) ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ରଙ୍କ ସହ ପୂର୍ତ୍ତ ବିଭାଗ, ଗୃହନିର୍ମାଣ ଓ ନଗର ଉନ୍ନୟନ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ସଂସ୍କୃତି ବିଭାଗ ଏବଂ ଜିଲ୍ଲା ପ୍ରଶାସନର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ।

# ଆଜି ଶ୍ରୀଲିଙ୍ଗରାଜଙ୍କ ବାହାଘର

ଭୁବନେଶ୍ୱର, ୧୭।୬(ସମିସ): ଶିବ ବିବାହ ବା ଶୀତଳ ଷଷ୍ଠୀ ପାଇଁ ପୁରୁଣା ଭୁବନେଶ୍ୱର ଉତ୍ସବ ମୁଖର ହୋଇ ପଡ଼ିଛି। ବିଭିନ୍ନ ମଠ ସମେତ ଧର୍ମଶାଳାରେ ଶ୍ରଦ୍ଧାଳୁମାନେ ଡେରା ପକାଇଛନ୍ତି। ମନ୍ଦିର ପ୍ରଶାସନ ପକ୍ଷରୁ ମଧ୍ୟ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଁଚିଛି। ବିବାହ ଉତ୍ସବ ଦିନ ସକାଳ ୬ଟା ୩୦ରେ ମଙ୍ଗଳ ଆଳତୀ ଓ ଅବକାଶ ନୀତି, ୬ଟା ୩୦ ରୁ ୯ଟା ୩୦ ମଧ୍ୟରେ ସାହାଣ ମେଳା ଦର୍ଶନ, ଦିନ ୧୦ଟାରେ ମହାସ୍ନାନ, ଦିନ ୧୦ଟା ୨୦ ରୁ ୧୧ଟା ପର୍ଯ୍ୟନ୍ତ ବେଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ ଓ ଠାକୁରାଣୀଙ୍କ ବଲ୍ଲଭ, ୧୧ଟାରୁ ୧୨ଟା ୩୦ ସକାଳ ଧୂପ, ଠାକୁରାଣୀଙ୍କ ସକାଳ ଧୂପ, ଭୋଗ ମଣ୍ଡପ, ୧୨ଟା ୩୦ରୁ ଅପରାହ୍ନ ୩ ପର୍ଯ୍ୟନ୍ତ ସାହାଣ ମେଳା ଦର୍ଶନ, ୩ଟାରୁ ୫ଟା ବଲ୍ଲଭ ଦ୍ୱିପହର ଧୂପ, ଠାକୁରାଣୀଙ୍କ ଦ୍ୱିପହର ଧୂପ, ୫ଟାରୁ ୬ଟା ପହୁଡ଼, ୬ଟାରୁ ୬ଟା ୩୦ ସନ୍ଧ୍ୟା ଆଳତୀ ଓ ଟେରା ଫିଟା, ରାତି ୮ଟାରେ କପିଳନାଥ ବିଜେ, ୮ଟାରୁ ୯ଟା ବଡ଼ସିଂହାର, ପଞ୍ଚବକ୍ତ୍ରବିଜେ, ପୁଷ୍ପାଞ୍ଜଳି ଓ ପହୁଡ଼, ରାତି ୯ଟା ୩୦ରୁ ୧୦ଟା ୩୦ମନ୍ଦିର ମଧ୍ୟରେ ବରଯାତ୍ରୀ ଭୋଜି, ରାତି ୧୧ଟାରେ ବରାନୁଗମନ ଓ ୧୧ଟା ୩୦ରୁ ଭୋର ୩ଟା ୪୫ ପର୍ଯ୍ୟନ୍ତ ବିବାହ ଉତ୍ସବ ଅନୁଷ୍ଠିତ ହେବ। ଲିଙ୍ଗରାଜଙ୍କ ବିବହାରେ ମନ୍ଦିରର ସମସ୍ତ ସେବାୟତଙ୍କ ପକ୍ଷରୁ ପ୍ରାୟ ୧୦ ରୁ ୧୨ ହଜାର ଶ୍ରଦ୍ଧାଳୁଙ୍କ ପ୍ରସାଦର ବ୍ୟବସ୍ଥା କରାଯାଇଛି।

ଏଥିସହିତ ପ୍ରଭୁ ଲିଙ୍ଗରାଜ ଯେତେବେଳେ ବରଯାତ୍ରୀଙ୍କୁ ନେଇ କେଦାର ଗୌରୀ ମନ୍ଦିର ନିକଟରେ ଆସି ପହଞ୍ଚିବେ ତାଙ୍କୁ ବରଣୀ କରି ନିଆଯିବ। ପୁଅ ଓ ଝିଅଙ୍କର ବାହାଘରରେ ଯାହା ଯାହା ରୀତିନୀତି ହୋଇଥାଏ ଠିକ୍ ପ୍ରଭୁଙ୍କର ନିତୀକାନ୍ତି କରାଯିବ। ଲିଙ୍ଗରାଜଙ୍କୁ ଝିଅଘର ପକ୍ଷରୁ ବା କେଦାର ଗୌରୀ ମନ୍ଦିର ପକ୍ଷରୁ ଯୌତୁକରେ ଇନ୍ଦ୍ର ହାତୀ ଦିଆଯିବ। ଏହି ଇନ୍ଦ୍ରହାତୀକୁ ଛୋଟ ଶଗଡ଼ଚକା ଦୁଇଟି ସହ ବାଉଁଶପାତ, କପଡ଼ା ଦେଇ ଇନ୍ଦ୍ର ହାତି ତିଆରି କରାଯାଏ। ଏହି ହାତୀକୁ ଲୋକମାନେ ଭିଡ଼ ଭିଡ଼ ନେଇକି ଯାଇଥାନ୍ତି ବୋଲି କେଦାରଗୌରୀ ମନ୍ଦିରର ସେକ୍ରେଟାରୀ ନରେନ୍ଦ୍ର କୁମାର ମହାପାତ୍ର କହିଛନ୍ତି।




### ● ଖାରିଆଗୁଡ଼ା ଫାଣ୍ଡି ନିକଟରେ ଆକ୍ରମଣ ଘଟଣା

# ଭିଡିଓ ଭାଇରାଲ ପରେ ୩ ଗିରଫ

ଭୁବନେଶ୍ୱର/ପାତ୍ରପୁର ୧୭।୬(ସମିସ): ଜରଡ଼ା ଥାନା ଖରିଆଗୁଡ଼ା ଫାଣ୍ଡି ନିକଟରେ ଏକ ଯୁବକକୁ କିଛି ଯୁବକ ଆକ୍ରମଣ ହେଉଥିବା ନେଇ ଏକ ଭିଡିଓ ବର୍ତ୍ତମାନ ବିଭିନ୍ନ ସୋସିଆଲ ମିଡିଆରେ ଭାଇରଲ ହେବାରେ ଲାଗି ରହିଥିବା ବେଳେ ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ନେଇ ମଙ୍ଗଳବାର ଜରଡ଼ା ପୋଲିସ ତରଫରୁ ତିନିଜଣଙ୍କୁ ଗିରଫ କରିଥିବା ବେଳେ ସେଥି ମଧ୍ୟରୁ ଜଣେ ନାବାଳକ ଥିବା ମଧ୍ୟ ଜଣାପଡ଼ିଛି। ଗିରଫ ଦୁଇ ଜଣ ହେଲେ ନାରାୟଣପୁର ଗ୍ରାମର ଲକ୍ଷ୍ମୀଚରଣ ସେଠୀ (୩୪) ଓ ଖରିଆଗୁଡ଼ା ଗ୍ରାମର ଧର୍ମେନ୍ଦ୍ର ପ୍ରଧାନ(୩୨) ଏବଂ ନାବାଳକ ଜଣକ ହେତୁ ନାମକୁ ଗୁପ୍ତ ରଖାଯାଇଥିବା ସୂଚନା ମିଳିଛି। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ନାବାଳକ ଜଣକୁ ସୁଧାର ଗୃହକୁ ପଠା ଯାଇଥିବା ଜଣାପଡ଼ିଛି। ସୂଚନା ଥାଉକି ଗତ ଏପ୍ରିଲ ୧ ତାରିଖରେ ସୁରଙ୍ଗୀ ମଦଭାଟି ମାଲିକଙ୍କୁ ଖାରିଆଗୁଡ଼ା ଫାଣ୍ଡି ସାମ୍ନାରେ ଆକ୍ରମଣ ହୋଇଥିବା ବେଳେ ଗତ ଏହି ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେବା ପରେ ପୁଲିସ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାପଡ଼ିଛି।

# ରାଷ୍ଟ୍ରପତିଙ୍କୁ ଚିଠି ଲେଖିଲେ ଯୁବକ ଓ ଛାତ୍ରଛାତ୍ରୀ

### ● ମହାକାଳପଡ଼ା ବିଡିଓ ଓ ଆଇଆଇସିଙ୍କ ବରଖାସ୍ତ ଓ ଗିରଫ ଦାବି

ଭୁବନେଶ୍ୱର, ୧୭।୬(ସମିସ): ମହାକାଳପଡ଼ା ବ୍ଲକର ବିଡିଓ ଓ ଆଇଆଇସିଙ୍କୁ ତୁରନ୍ତ ବରଖାସ୍ତକରି ଗିରଫ କରିବା ଦାବିରେ ଚିଠି ଅଭିଯାନ ଆରମ୍ଭ ହୋଇଛି। ତିଖିରି ସରପଞ୍ଚ ଚାମେଲୀ ଓଝାଙ୍କ ଦ୍ୱାରା ଦାଖଲ ହୋଇଥିବା ଏଫଆଇଆରରେ ବିଡିଓ ଓ ଆଇଆଇସିଙ୍କୁ ପ୍ରମୁଖ ଅଭିଯୁକ୍ତ ଭାବେ ଉଲ୍ଲେଖ କରାଯାଇଥିବାରୁ ଶତାଧିକ ଯୁବକ, ଛାତ୍ରଛାତ୍ରୀ ଓ ବିଭିନ୍ନ ସଂଗଠନ ଏବଂ ରାଜନୈତିକ ଦଳର କର୍ମୀମାନେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଚିଠି ଲେଖି ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି। ଚିଠିରେ ସେମାନେ ରାଷ୍ଟ୍ରପତି ମହୋଦୟା ଓଡ଼ିଶା ସରକାରଙ୍କୁ ପରାମର୍ଶ ଦେଇ ଅଭିଯୁକ୍ତ ଅଧିକାରୀମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରିଛନ୍ତି। ସେମାନେ କହିଛନ୍ତି ଯେ, ବିଜେପି ସରକାରର ଦୁଇ ବର୍ଷ ପରେ ମଧ୍ୟ ପରିସ୍ଥିତିରେ ବିଶେଷ ପରିବର୍ତ୍ତନ ଆସିନାହିଁ। ଜଣେ ସରପଞ୍ଚ ମଧ୍ୟ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି, ଯେପରି ଜଣେ ବିଧାୟକ କିମ୍ବା ସାଂସଦ ପରେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ହୋଇଥାନ୍ତି। ସରପଞ୍ଚ ମଧ୍ୟ ନିଜ ଭୋଟରଙ୍କ ପ୍ରତି ସମାନ ଭାବରେ ଦାୟୀ। ବିଡିଓ କାର୍ଯ୍ୟାଳୟ ପରିସରରେ ଚାମେଲୀ ଓଝାଙ୍କ ଉପରେ ଆକ୍ରମଣ ଘଟଣାରେ ବିଡିଓ, ଆଇଆଇସି ଓ ସେମାନଙ୍କ ଦ୍ୱାରା ନିଯୁକ୍ତ ଦୁର୍ବୃତ୍ତମାନଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ଥିବା ସତ୍ତ୍ୱେ ଜିଲ୍ଲା ଏସପି କଟାରିଆ ନିରବ ରହିଛନ୍ତି। ନିଜ ଅଧସ୍ତନ ଅଧିକାରୀ ଓ ସରକାରୀ କର୍ମଚାରୀମାନଙ୍କୁ ସୁରକ୍ଷା ଦେବା ପାଇଁ ଏପରି ମନୋଭାବ ବୋଲି ଚିଠିରେ ଅଭିଯୋଗ କରାଯାଇଛି। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଲିଖିତ ଏହି ଓଡ଼ିଆ ଚିଠିଗୁଡ଼ିକ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଟ୍ୱିଟର ଏବଂ ଇ-ମେଲ ଓ ଡାକ ମାଧ୍ୟମରେ ପଠାଯାଉଛି। ବଲାଙ୍ଗୀର ଆଗଲପୁର ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ଦାଶ, ସମ୍ବଲପୁରର ଯୁବନେତା ସୁରଞ୍ଜନ ପ୍ରଧାନ, ଗୌରବ ଭୋଇ, ସୁନୀଲ ସାହୁ ପ୍ରିୟା ମୁଣ୍ଡା ପ୍ରମୁଖ ଗ୍ରାମପଞ୍ଚାୟତର ଶତାଧିକ ଏହି ଚିଠିରେ ସ୍ୱାକ୍ଷର କରିଛନ୍ତି।

# ଗୋବରରେ ପ୍ରସ୍ତୁତ ହେଉଛି ଶୁଭେଚ୍ଛାପତ୍ର

ଭୁବନେଶ୍ୱର, ୧୭।୬(ସମିସ): କୈଳାସ ପର୍ବତରେ ଭଗବାନ ଶିବ ବାସ କରୁଥିବା ସମୟରେ ସେମାନଙ୍କ ସହ ନନ୍ଦୀ ବଂଶ ମଧ୍ୟ ବାସ କରୁଥିଲେ। ସେହି ସମୟରେ ସୀତା ଗାଈ ଗୋବରକୁ ପ୍ରସାଧନ ସାମଗ୍ରୀ ଭାବେ ବ୍ୟବହାର କରୁଥିବା କଥା ଶିବ ପୁରାଣରେ ଉଲ୍ଲେଖ ରହିଛି। ହେଲେ ବର୍ତ୍ତମାନ ତାହା ବାସ୍ତବରେ ଦେଖିବାକୁ ମିଳିଛି। ଦେଶୀ ଗୋ ମାତାଙ୍କ ଗୋବରରୁ ପ୍ରସ୍ତୁତ ବିଭିନ୍ନ ପ୍ରସାଧନ ସାମଗ୍ରୀ ସାଙ୍ଗକୁ ଘର ସଜାଇବା ସାମଗ୍ରୀ ଏବଂ ଦୀପ, ଧୂପ ଆଦିର ଚାହିଦା ବଢ଼ିବାରେ ଲାଗିଛି। ଏହିସବୁ ସାମଗ୍ରୀ କେମିକାଲ ଫ୍ରି ହୋଇଥିବାରୁ ଏହା ଶରୀର ଏବଂ ତ୍ୱଚା ପ୍ରତି କ୍ଷତି କରୁ ନ ଥିବା ଗ୍ରାହକମାନେ କହିଛନ୍ତି।

### ବଢ଼ୁଛି ପ୍ରସାଧନ ସାମଗ୍ରୀର ଚାହିଦା

ଦିନକୁ ଦିନ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବିକାଶ ହେବା ସହ ଲୋକମାନଙ୍କ ବ୍ୟବହାରିକ ଶୈଳୀରେ ମଧ୍ୟ ଅନେକ ପରିବର୍ତ୍ତନ ଦେଖା ଦେଇଛି। ବଜାରରେ ଉପଲବ୍ଧ ବିଭିନ୍ନ ପ୍ରସାଧନ ସାମଗ୍ରୀର ବ୍ୟବହାର ପାଇଁ ବିଜ୍ଞାପନ ମାଧ୍ୟମରେ ଲୋକଙ୍କୁ ଆକର୍ଷିତ କରାଯାଉଛି। ହେଲେ ଏବେବି ଲୋକମାନେ ପ୍ରାକୃତିକ ଉପଚାରକୁ ବିଶ୍ୱାସ କରୁଛନ୍ତି। ଯାହାର ଉଦାହରଣ ହେଉଛି ଗୋବରରୁ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ କିଣିବାକୁ ଲୋକଙ୍କ ଭିଡ଼। ଏଠାରେ ରହିଥିବା ଗୋ-ଶାଳାରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଦେଶୀ ଗାଈଙ୍କ ଗୋବରକୁ ସଂଗ୍ରହ କରାଯାଇ ତାହାକୁ ଶୁଖାଯାଇଥାଏ। ପରେ ସେଥିରୁ ପାଉଡର ପ୍ରସ୍ତୁତ କରି ସେଥିରେ ତେନ୍ତୁଳି ମଞ୍ଜିରୁ ପ୍ରସ୍ତୁତ ଅଠା ମିଶାଇ ଚକଟା ଯାଏ। ବିଭିନ୍ନ ଆକୃତିର ଜିନିଷ ପ୍ରସ୍ତୁତ କରାଯାଇ ଖରାରେ ଶୁଖଯାଏ।




ଏହିପରି ମୁହଁରେ ଲଗାଇବାକୁ ସାବୁନ୍, ଚନ୍ଦାପଣ ଦୂର କରିବାକୁ ଗୋବର ସହ ନିର୍ମୁଳି ରସରୁ ପ୍ରସ୍ତୁତ ସାବୁନ୍ ସମେତ ପାଞ୍ଚ ପ୍ରକାର ପଞ୍ଚଗବ୍ୟ ସାବୁନ୍ ମଧ୍ୟ ପ୍ରସ୍ତୁତ କରାଯାଉଛି। ଯାହାର ବ୍ୟବହାର ଦ୍ୱାରା ସୁଫଳ ମିଳୁଥିବା ଗ୍ରାହକମାନେ ମତ ଦେଇଛନ୍ତି। ସେହିପରି ଗୋବରରେ ଲେଖା ହୋଇଥିବା ଓମ୍ ନମଃ ଶିବାୟ, ଜୟ ଜଗନ୍ନାଥ, ଜୟ ଶ୍ରୀରାମ, ହେ ରାମ, ସମେତ ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି ମଧ୍ୟ ପ୍ରସ୍ତୁତ ହେଉଛି। ଗୋବରରେ ଲକ୍ଷ୍ମୀ ରହୁଥିବା ସହ ବିଭିନ୍ନ ନକାରାତ୍ମକ ଶକ୍ତିକୁ ଦୂରରେ ରଖୁଥିବା ବିଶ୍ୱାସ ରହିଛି। ତେଣୁ ଏହି ସାମଗ୍ରୀ ଗୁଡ଼ିକ ଘରେ ରଖିଲେ ଲକ୍ଷ୍ମୀଙ୍କ ପ୍ରାପ୍ତି ହେବା ସହ ଘର ଭିତରେ ସକାରାତ୍ମକ ପରିବେଶ ସୃଷ୍ଟି ହୋଇଥାଏ। ତେଣୁ ପୂର୍ବଜମାନେ ଗୋବର ଓ ମାଟିରେ ଘର ଲେପୁଥିଲେ। ସେହିପରି ଗୋବରରୁ ପ୍ରସ୍ତୁତ ମୋବଇଲ ଷ୍ଟାଣ୍ଡ ନିର୍ମିତ ହୋଇଛି। ଦେଶୀ ଗୋବରରେ ରେଡିୟସନ୍ କଣ୍ଟ୍ରୋଲ କ୍ୟାପାସିଟି ରହିଥିବାରୁ ଏଥିରୁ ମୋବାଇଲ ଷ୍ଟାଣ୍ଡ ତିଆରି ହୋଇଛି। ଏହି ଷ୍ଟାଣ୍ଡରେ କିଛି ସମୟ ପାଇଁ ମୋବାଇଲ ରଖିଲେ ନେଟୱାର୍କ ଆସୁନଥିବା ପରୀକ୍ଷା କରାଯାଇଥିବା ଶ୍ରୀ ପ୍ରଧାନ କହିଛନ୍ତି। ଯେଉଁ ସମୟରେ ମୋବାଇଲ ବ୍ୟବହାର କରାଯାଉ ନଥିବ ସେ ସମୟରେ ଏହି ଷ୍ଟାଣ୍ଡରେ ରଖାଯାଇପାରିବ। ଏହାସହିତ ବିଭିନ୍ନ ୱାଲ ହ୍ୟାଙ୍ଗିଙ୍ଗ୍, ମୂର୍ତ୍ତି ସାଙ୍ଗକୁ ବିଭିନ୍ନ ଶୁଭେଛା ପତ୍ର ଆଦି ପ୍ରସ୍ତୁତ କରାଯାଉଛି। ଯାହାକୁ ବାହାଘର, ଜନ୍ମଦିନ ଆଦିରେ ଉପହାର ଭାବେ ପ୍ରଦାନ କରାଯାଉଛି। ତେବେ ଏହି ସାମଗ୍ରୀ ପ୍ରସ୍ତୁତ କରିବାକୁ ବିଭିନ୍ନ ସ୍ଥାନରୁ ଲୋକମାନେ ଏଠାରେ ପ୍ରଶିକ୍ଷଣ ନେଉଛନ୍ତି। ନିଜ ଅଞ୍ଚଳରେ ଗୋବରରୁ ଏହିସବୁ ସାମଗ୍ରୀ ପ୍ରସ୍ତୁତ କରିବାକୁ ଲୋକଙ୍କୁ ସଚେତନ କରାଉଛନ୍ତି। ଘରେ ଘରେ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବା ପ୍ରମୁଖ ଲକ୍ଷ୍ୟ ବୋଲି ଡୁମୁଡୁମା ସ୍ଥିତ ଗୋ-ଗୋପାଳ ସମିତି ପକ୍ଷରୁ କୁହାଯାଇଛି।

# ଦେବସ୍ନାନରେ ୩ ବିଗ୍ରହ ପିନ୍ଧିବେ ବାସୁଙ୍ଗା ପାଟ ଅନ୍ତବସ୍ତ୍ର

## ପ୍ରସ୍ତୁତି କାର୍ଯ୍ୟର ଅଗ୍ରଗତି ସମୀକ୍ଷା କଲେ ଶ୍ରୀମନ୍ଦିର ପ୍ରତିନିଧି ଦଳ



ତିଗିରିଆ,୧୭।୬ (ସମିସ):

ଆସନ୍ତା ଦେବସ୍ନାନ ପୂର୍ଣ୍ଣମୀରେ ଜଗତର ନାଥ ଜଗନ୍ନାଥ, ଜ୍ୟୋଷ୍ଠ ଭ୍ରାତା ବଳଭଦ୍ର ଓ ଭଉଣୀ ସୁଭଦ୍ରା ପିନ୍ଧିବେ ବାସୁଙ୍ଗା ପାଟରୁ ପ୍ରସ୍ତୁତ ଅନ୍ତବସ୍ତ୍ର। ଏଥିନେଇ ରାଜ୍ୟ ସେରିଫେଡର ତିଗିରିଆ ବ୍ଲକ ହସ୍ତତନ୍ତ ଗ୍ରାମ ବିଶ୍ୱ ବିଦିତ ନୂଆପାଟଣାଠାରେ ଚାଲିଛି ପ୍ରସ୍ତୁତି। କାର୍ଯ୍ୟ ପ୍ରାୟଶେଷ ପର୍ଯ୍ୟାୟରେ ଥିବା ବେଳେ ଅଗ୍ରଗତି ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରେରିତ ୧୭ ଜଣିଆ ପ୍ରତିନିଧି ଦଳ ଆଜି ନୂଆପାଟଣା ଆସି ସମୀକ୍ଷା କରିଛନ୍ତି। ରାଜ୍ୟ ସେରିଫେଡର ସଭାପତି ଭାଗୀରଥି ନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ସହକାରୀ ନୀତି ପ୍ରଶାସକ ରଞ୍ଜନ କୁମାର ବେହେରା, ବରିଷ୍ଠ କିରାଣି ପ୍ରଦୀପ କୁମାର ଦାଶ, ଦଇତାପତି ନିଯୋଗ ସଭାପତି ତଥା ଶ୍ରୀଜଗନ୍ନାଥ ମନ୍ଦିର କମିଟିର ସଭ୍ୟ ଗଣେଶ ଦାସ ମହାପାତ୍ର, ଦଇତାପତି ନିଯୋଗ ସହ ସମ୍ପାଦକ ଜଗବନ୍ଧୁ ଦାସ ମହାପାତ୍ର, ଦଇତାପତି ନିଯୋଗ କୋଷାଧକ୍ଷ କାର୍ତ୍ତିକ ଦାସ ମହାପାତ୍ର, ପୂର୍ବତନ ଦଇତାପତି ନିଯୋଗ ସଭାପତି ଜଗନ୍ନାଥ ଦାସ ମହାପାତ୍ର, ନିଯୋଗ କମିଟିର ସଦସ୍ୟଙ୍କ ମଧ୍ୟରେ କୀର୍ତ୍ତିପ୍ରକାଶ ଦାସ ମହାପାତ୍ର, ଭଗବାନ ଦାସ ମହାପାତ୍ର, ମଧୁସୂଦନ ଦାସ ମହାପାତ୍ର, ଶିବାନନ୍ଦ ଦାସ ମହାପାତ୍ର, ବରିଷ୍ଠ ଦଇତାପତି ହରିହର ଦାସ ମହାପାତ୍ର, ବିଭୁପ୍ରସାଦ ଦାସ ମହାପାତ୍ର, ଦେବୀପ୍ରସାଦ ଦାସ ମହାପାତ୍ର, ଲକ୍ଷ୍ମୀନାରାୟଣ ଦାସ ମହାପାତ୍ର, ପାଟରା ସେବକ ନାରାୟଣ ପାତ୍ର ଓ ସନ୍ତୋଷ କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ ଏହି ପାଟ ଶ୍ରୀଜୀଉଙ୍କ ଅନ୍ତବସ୍ତ୍ର ଭାବେ ସ୍ନାନ ପୂର୍ଣ୍ଣିମା ଦିନ ବ୍ୟବହାର କରାଯାଏ। ସେରିଫେଡର ପରିଚାଳନା କମିଟିର ସଦସ୍ୟ ରମେଶ କୁଣ୍ଡୁ, ନରେନ୍ଦ୍ର ପାତ୍ର, ନିରୁପମା ସାମଲ, ସୁଶାନ୍ତ ଦାସ, ନୂଆପାଟଣା ଶାଖା କାର୍ଯ୍ୟାଳୟ ପରିଚାଳକ ଉଷାରାଣୀ ମହାନ୍ତି, ସହ ପରିଚାଳକ ବିପିନି ବିହାରୀ ମଲ୍ଲ, ସେରିଫେଡ ସହକାରୀ ଯନ୍ତ୍ରୀ ଶିବବ୍ରତ ପଟ୍ଟନାୟକ, ଓଏସଡି ପ୍ରଦ୍ୟୁମ୍ନ କୁମାର ପତି ପରିଚାଳନା କରିଥିଲେ।

## ମିଠାରେ ବିଷ; ପୂର୍ବ ଶତ୍ରୁତାରୁ ହତ୍ୟା ଅଭିଯୋଗ

# ଶିଶୁପୁତ୍ରର ମୃତ୍ୟୁନେଇ ବାହାବଳପୁରରେ ଚାପା ଉତ୍ତେଜନା





ସାଲେପୁର,୧୭।୬(ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଶିଶୁପୁତ୍ର ବିଷ ପ୍ରୟୋଗ ଦ୍ୱାରା ଡାକ୍ତରଖାନାରେ ଦୀର୍ଘ ଦିନର ସଂଘର୍ଷ ପରେ ପ୍ରାଣ ହରାଇବା ଘଟଣା ଅଞ୍ଚଳରେ ଶୋକ ଖେଳାଇ ଦେଇଛି। ଏହାସହ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ନେଇ ଚାପା ଉତ୍ତେଜନା ସୃଷ୍ଟି କରିଛି। ଶିଶୁପୁତ୍ରକୁ ବିଷ ଦେଇଥିବା ଅଭିଯୁକ୍ତମାନଙ୍କୁ ପୁଲିସ ଅଦ୍ୟାବଧି ଗିରଫ କରିପାରି ନାହିଁ।

ଆଜି ଏସ୍‌ସିବି ମେଡ଼ିକାଲରେ ସଂପୃକ୍ତ ଶିଶୁର ଶବ ବ୍ୟବଚ୍ଛେଦ କରାଯିବାପରେ ତାର ମୃତଦେହକୁ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଛି। ପ୍ରକାଶ ଯେ ସାଲେପୁର ଥାନା ବାହାବଳପୁର ଗ୍ରାମର ରୋହିତ କୁମାର ମଲ୍ଲିକଙ୍କ ପୁଅ ଦିବ୍ୟରଂଜନ (୫) ଗତ ମଇ ୨୨ ତାରିଖ ସକାଳେ ଦାଣ୍ଡରେ ଖେଳୁଥିବାବେଳେ ତାଙ୍କ ପଡ଼ୋଶୀ ଲିପି ଦାସ, ସ୍ୱାମୀ ପ୍ରଶାନ୍ତ ଦାସ ଏବଂ ଅନ୍ୟ ୩ ଜଣ ଘରକୁ ଡାକି ଖାଇବା ପାଇଁ ମିଠା ଦେଇଥିଲେ। କିଛି ସମୟ ପରେ ପ୍ରବଳ ବାନ୍ତି ହେବାରୁ ପରିବାର ଲୋକ ଦିବ୍ୟରଂଜନକୁ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପୁଣି କଟକ ଶିଶୁଭବନ ଆଇସିୟୁରେ ଚିକିତ୍ସା କରାଉଥିଲେ। ଗତକାଲି ତା'ର ମୃତ୍ୟୁ ହୋଇଛି। ଏହାନେଇ ଶିଶୁପୁତ୍ରର ପିତା ୫ ଜଣଙ୍କ ନାମରେ ଅଭିଯୋଗ କରିଥିବାବେଳେ ପୁଲିସ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୁଲିସ ପରୀକ୍ଷା ପାଇଁ ନେଇଥିବା ନମୁନାର ରିପୋର୍ଟ ଆସିବାପରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସାଲେପୁର ଥାନାଧିକାରୀ ମହେଶ୍ୱର ବେହେରା ପ୍ରକାଶ କରିଛନ୍ତି। ଏହି ଘଟଣାରେ ନାର୍କୋ ଟେଷ୍ଟ କରାଯିବାର ସମ୍ଭାବନା ରହିଛି ବୋଲି ମଧ୍ୟ ସାଲେପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି ପ୍ରକାଶ କରିଛନ୍ତି।



ବାରଙ୍ଗ ପୁଲିସ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି

# ଚାମେଲୀଙ୍କ ପ୍ରତି ତିଗିରିଆରେ ନିରବ ମଥାନତ ସମ୍ମାନ

ତିଗିରିଆ,୧୭।୬ (ସମିସ): ନିଜ କର୍ତ୍ତବ୍ୟ ପ୍ରତି ନିଷ୍ଠା ହେତୁ କର୍ତ୍ତବ୍ୟ ବିମୁଖ ସରକାରୀ କଳ ଦ୍ୱାରା ନିର୍ଯାତିତ ହୋଇଥିବା ତିଖିଡ଼ି ସରପଞ୍ଚ ସୁଶ୍ରୀ ଚାମେଲୀ ଓଝାଙ୍କୁ ନ୍ୟାୟ ମିଳିବା ପ୍ରସଙ୍ଗରେ ଆଜି ତିଗିରିଆର ବୁଦ୍ଧିଜୀବୀମାନେ ଚାମେଲୀ ଓଝାଙ୍କୁ ତିଗିରିଆ ଥାନା ଛକ ନିକଟରେ ମଥାନତ ସମ୍ମାନ ପ୍ରଦାନ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଗିରିଜା ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ଦାସ, ଜୟନ୍ତ ସାହୁ, ଶ୍ରୀଧର ପଣ୍ଡା, ଶୁଭାଶିଷ ମିଶ୍ର, ଅଭିଷେକ ପଟ୍ଟନାୟକ, ପ୍ରଦୀପ ଦାସ, ତାରାପ୍ରସାଦ ପଟ୍ଟନାୟକ, କୈଳାସ ପୃଷ୍ଟି, ବିଷ୍ଣୁ ଦାସ, ରାମକୃଷ୍ଣ ପଟ୍ଟନାୟକ ସାମିଲ ଥିଲେ। ବରିଷ୍ଠ ସ୍ତମ୍ଭକାର ସୁଭାଷଚନ୍ଦ୍ର ପଟ୍ଟନାୟକ ଏହି ସମ୍ମାନ ପ୍ରଦର୍ଶନର ଯଥାର୍ଥତା ସୂଚାଇଥିଲେ।




# ଧ୍ରୁବାନନ୍ଦ ସରୋଜିନୀ ସେବା ଟ୍ରଷ୍ଟର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ



ଭଦ୍ରେଶ୍ୱର, ୧୭।୬ (ସମିସ): ମାହାଙ୍ଗା ବ୍ଲକ ପୋଡାମରାଇ ପଞ୍ଚାୟତ ଅଲ୍ଲିଅରାସ୍ଥିତ ଧ୍ରୁବାନନ୍ଦ ସରୋଜିନୀ ସେବା ଟ୍ରଷ୍ଟର ତୃତୀୟ ବାର୍ଷିକ ଉତ୍ସବ ଏବଂ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ ଡ. ଜୟରାମ ରାଉତ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ରୂପେ ପ୍ରାକ୍ତନ ଅଧକ୍ଷ ତଥା ବିଶିଷ୍ଟ ଶିକ୍ଷାବିତ ଡ. ଜନାର୍ଦ୍ଦନ ରାଉତ, ପ୍ରାକ୍ତନ ଅଧକ୍ଷ ତଥା ସମାଜସେବୀ ଡ. ରବିନ୍ଦ୍ରନାଥ ସାମଲ, ବିଶିଷ୍ଟ ପ୍ରାବନ୍ଧିକ ଡ.ଏକାଦଶୀ ପ୍ରଧାନ, ନାଟ୍ୟ ସାରଥୀ ଅଭୟ କୁମାର ଦାସ, ବରିଷ୍ଠ ସାମ୍ବାଦିକ ବଲ୍ଲଭ ଚରଣ ପଲେଇ ପ୍ରମୁଖ ଅତିଥି ପ୍ରାକ୍ତନ ପ୍ରଧାନଶିକ୍ଷକ ସ୍ୱର୍ଗତ ଧ୍ରୁବାନନ୍ଦ ରାଉତ ଓ ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ରାଉତଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ତାଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଗଭୀରଭାବେ ଆଲୋକପାତ କରିଥିଲେ। ପ୍ରାକ୍ତନ ଶିକ୍ଷକ ସୁରେନ୍ଦ୍ରନାଥ ଶତପଥୀଙ୍କୁ ଅନୁଷ୍ଠାନ ତରଫରୁ ଧ୍ରୁବାନନ୍ଦ ଆଦର୍ଶ ଶିକ୍ଷକ ସମ୍ମାନ ଏବଂ ସରୋଜିନୀ ଆଦର୍ଶ ଶିକ୍ଷୟିତ୍ରୀ ସମ୍ମାନ ବିଶିଷ୍ଟ କବୟିତ୍ରୀ ତଥା ପ୍ରଧାନଶିକ୍ଷୟିତ୍ରୀ ସଦାସିନୀ ସାମଲଙ୍କୁ ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଏହି ୨ କୃତୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ଚଳିତ ମାଟ୍ରିକ ପରୀକ୍ଷାରେ ସମଗ୍ର ଓଡିଶାରେ ତୃତୀୟ ସ୍ଥାନ ଅଧିକାର କରିଥିବା ସ୍ଥାନୀୟ ବିଦ୍ୟାଳୟର କୃତୀଛାତ୍ର ଏବଂ ସ୍ଥାନୀୟ ୨୦ଟି ସରକାରୀ ଉଚ୍ଚ ବିଦ୍ୟାଳୟର ଚଳିତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଛାତ୍ରୀମାନଙ୍କୁ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ବୈଷ୍ଣବ ପାଠାଗାରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭରେ ଅନୁଷ୍ଠାନର ମ୍ୟାନେଜିଂ ଟ୍ରଷ୍ଟି ଡ. ଭାଗ୍ୟଧର ରାଉତ ଅତିଥି ପରିଚୟ ପ୍ରଦାନ ଓ ଶେଷରେ ଶିକ୍ଷାବିତ ଡ. ପ୍ରଭାତ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିଶୁ କବି ମହେନ୍ଦ୍ର ଘଡେଇ, ବର୍ଷୀୟାନ କବି ରାଜକିଶୋର ମିଶ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ସାରଦା ପ୍ରସନ୍ନ ରାଉତଙ୍କ ସମେତ ଯୁବ ସ୍ୱେଚ୍ଛାସେବୀ ଓ ସ୍ଥାନୀୟ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିଲେ।

# ଯାଜପୁରରେ ନିଶ୍ଚିନ୍ତକୋଇଲି କବାଡ଼ି ଦଳ ରଜ ଚାମ୍ପିଅନ

ନିଶ୍ଚିନ୍ତକୋଇଲି, ୧୭।୬(ସମିସ): ନିଶ୍ଚିନ୍ତକୋଇଲିରେ ଥିବା ଫ୍ରିଡମ୍ ଫାଇଟର କବାଡି ଦଳ ଯାଜପୁର ଜିଲ୍ଲାରେ ରଜ ଚାମ୍ପିଅନ ହୋଇଛି। ଯାଜପୁର ଜିଲ୍ଲା ବଳରାମପୁରଠାରେ ବାପୁଜୀ ଯୁଥ୍ କ୍ଲବ ଆନୁକୂଲ୍ୟରେ ରଜ ମହୋତ୍ସବରେ ଚାଲିଥିବା ଜିଲ୍ଲାସ୍ତରୀୟ କବାଡି ପ୍ରତିଯୋଗିତାରେ ନିଶ୍ଚିନ୍ତକୋଇଲି କବାଡି ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ବିଭିନ୍ନ ଜିଲ୍ଲାର ମୋଟ ୮ଟି କବାଡି ଦଳ ଭାଗନେଇଥିଲା ବେଳେ ଫାଇନାଲ ମ୍ୟାଚ୍ ନିଶ୍ଚିନ୍ତକୋଇଲି ଓ ପାଣିକୋଇଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିଶ୍ଚିନ୍ତକୋଇଲି ଦଳ ୨୮/୨୪ ପଏଣ୍ଟରେ ବିଜୟୀ ହୋଇଥିଲେ। ନିଶ୍ଚିନ୍ତକୋଇଲି ଦଳର କୋଚ୍ ସୁଧାଂଶୁ ବେଜ୍‌ଙ୍କ ନେତୃତ୍ୱରେ କ୍ୟାପ୍ଟେନ ମନୋଜ ବେହେରା, ସୁଶାନ୍ତ ସାମଲ, ଜ୍ଞାନରଂଜନ ସ୍ୱାଇଁ, ସଂଜୀବ୍ କୁମାର ବେହେରା, ଦୀପ୍ତିରଂଜନ ରାଉତ, ଅମୀୟ ରଂଜନ ସାମଲ, ଶୁଭକାନ୍ତ ବଳ ପ୍ରମୁଖ ଏହି ମ୍ୟାଚ୍‌ରେ ଅଂଶଗ୍ରହଣ କରିଥିଲେ।

# ସାମ୍ବାଦିକଙ୍କ ଅକାଳ ବିୟୋଗରେ ଶୋକ

ଭଦ୍ରେଶ୍ୱର, ୧୭।୬(ସମିସ): ମାହାଙ୍ଗା ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ଯୁବ ସାମ୍ବାଦିକ ଦୀପକ କୁମାର ସାହୁ (୪୨)ଙ୍କ ଅକାଳ ବିୟୋଗ ଘଟିଛି। ଶ୍ରୀ ସାହୁ ଏକ ଘରୋଇ ହସପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାକ୍ଷଣି ସମଗ୍ର ମାହାଙ୍ଗା, ନିଶ୍ଚିନ୍ତକୋଇଲି ଓ ସାଲେପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ତାଙ୍କ ମରଶରୀରକୁ ପୈତୃକ ଗ୍ରାମ ପଣସପୁରକୁ ଅଣାଯାଇ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଥିଲା। ତାଙ୍କର ପୁତ୍ର ମୁଖାଗ୍ନି ଦେଇଥିଲେ।



ତାଙ୍କର ଅକାଳ ବିୟୋଗରେ ପ୍ରାକ୍ତନ ମନ୍ତ୍ରୀ ତଥା ରାଜ୍ୟ ବିଜେଡିର ଉପସଭାପତି ପ୍ରତାପ ଜେନା, କଟକ ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ ଦାସ, କଂଗ୍ରେସ ନେତା ଦେବେନ୍ଦ୍ର ସାହୁ, ସେକ ମାସୁଦ ଅଲ୍ଲୀ, ମାହାଙ୍ଗା ସ୍ୱାଧୀନ ବିଧାୟକ ସାରଦା ପ୍ରଧାନ, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଜୟନ୍ତ ଦାସ, ଉପେନ୍ଦ୍ର ବେହେରା, ଡ ଅମରେନ୍ଦ୍ର ମହାନ୍ତି, ମାହାଙ୍ଗା ସାରସ୍ୱତ ସେବା ମଞ୍ଚର ସଭାପତି ଡ. ଭାବଗ୍ରାହୀ ରାଉତ, ପ୍ରାବନ୍ଧିକ ଡ. ଏକାଦଶୀ ପ୍ରଧାନ, ସାମ୍ବାଦିକ ବଲ୍ଲଭ ଚରଣ ପଲେଇ, ଅଶୋକ ପ୍ରହରାଜ, ଧନେଶ୍ୱର ସେଠୀ, ସମାଜସେବୀ ଶିବଚରଣ ଜେନା, ଅଧ୍ୟାପକ ବିବେକାନନ୍ଦ ସିଂ, ସମାଜସେବୀ ନଳିନୀକାନ୍ତ ନାୟକ, ଡ. ଜୟରାମ ସ୍ୱାଇଁ, ରସରାଜ ବୀରକିଶୋର ସ୍ୱାଇଁ, ଡାକ୍ତର ଶିବନାରାୟଣ ରାୟ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ବିଭିନ୍ନ ସ୍ଥାନରେ ରଜ ମହୋତ୍ସବ ଉଦ୍‌ଯାପିତ

## ■ ସର୍ଦ୍ଧୋଳା ମିନି ଷ୍ଟାଡିୟମ



ଟାଙ୍ଗୀ,୧୭।୬(ସମିସ):

ଟାଙ୍ଗୀ ଚୌଦ୍ୱାର ବ୍ଲକ ହରିଅନ୍ତା ପଞ୍ଚାୟତ ସର୍ଦ୍ଧୋଳା ମିନି ଷ୍ଟାଡିୟମରେ ତିନିଦିନିଆ ରଜ ମହୋତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ଗୋଲଖ ବିହାରୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ଜିଲ୍ଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲ, ଜୟଶ୍ରୀ ପ୍ରଧାନ, ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର କୁମାର ଯେଠୀ, ତ୍ରୈଲୋକ୍ୟ ଖୁଣ୍ଟିଆ ଓ ଲୋପାମୁଦ୍ରା ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଦ୍ୱିତୀୟ ଦିବସରେ ମୁଖ୍ୟଅତିଥି ଭାବେ ଟେଟ୍ରାହେଡ୍ରନ ଗୃପ ଅଫ ଇନଷ୍ଟିଚ୍ୟୁସନର ଅଧକ୍ଷ ତ୍ରିଦେବ ବେହେରା ଯୋଗ ଦେଇଥିଲେ। ଏହି ଅବସରରେ ରେଡକ୍ରସ ସମ୍ପାଦିକା ଡ଼ ସସ୍ମିତା ପଟ୍ଟନାୟକଙ୍କୁ ରକ୍ତରାଣୀ ସମ୍ମାନରେ ସମ୍ମାନିତ କରାଯିବା ସହ ବ୍ଲକ ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଭୂତି ଭୂଷଣ ସାହୁ ସଭା ପରିଚାଳନା କରିଥିବାବେଳେ ରବିନ୍ଦ୍ର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଷ୍ଟାଡିୟମ ସମ୍ପାଦକ ବିଜୟ ସାହୁ ଧନ୍ୟବାଦ ଦେଇଥିଲେ। ବିଭିନ୍ନ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଷ୍ଟାଡିୟମର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ■ ଟାଉନ କ୍ଲବ୍ ରଜ ମହୋତ୍ସବ



ଆଠଗଡ଼: ଟାଉନ କ୍ଲବ ପକ୍ଷରୁ ତିନି ଦିନ ଧରି ଚାଲିଥିବା ରଜ ମହୋତ୍ସବ ବୁଧବାର ଉଦଯାପିତ ହୋଇଯାଇଛି। କ୍ଲବର ସଭାପତି ରାମନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଆଠଗଡ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡ. ଭୁବନାନନ୍ଦ ଦାସ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଲେଖକ ହିମାଂଶୁ ପରିଡା, ଟାଉନ କ୍ଲବ ସଦସ୍ୟ ଉଦୟନାଥ ଶତପଥୀ, ଲକ୍ଷ୍ମୀଧର ଜେନା, ସହସମ୍ପାଦକ ସୋମନାଥ ଭକ୍ତା ଯୋଗଦେଇଥିଲେ। କ୍ଲବର କୋଷାଧକ୍ଷ ମନୋରଞ୍ଜନ ସ୍ୱାଇଁ ପରିଚାଳନା କରିଥିଲେ। ଆଠଗଡ ମାଟିରପୁଅ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପଟଚିତ୍ର ଶିଳ୍ପୀ ବିଜୟ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାରୋହରେ ବିଭିନ୍ନ ପ୍ରତିଯୋଗୀ ପୁରସ୍କୃତ ହେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଜିତେନ୍ଦ୍ର ସ୍ୱାଇଁ, ଆଦିତ୍ୟ ଶର୍ମା, ପ୍ରକାଶ ପୁହାଣ, ରମେଶ ସାହାଣୀ, ସୋମନାଥ ଭକ୍ତା, ନୀଳକଣ୍ଠ ଦୋରା, ପ୍ରସନ ଭକ୍ତା ପରିଚାଳନା କରିଥିଲେ। କ୍ଲବର ସଦସ୍ୟ ସହଯୋଗ କରିଥିଲେ।

## ■ ସାଇଲୋରେ ଆଞ୍ଚଳିକ ରଜ ଉତ୍ସବ




କଣ୍ଟାପଡ଼ା: ସାଇଲୋ ବଡ଼ବିଲସ୍ଥିତ ଗୋପବନ୍ଧୁ ବିଦ୍ୟା ମନ୍ଦିରର ପୁରାତନ ଛାତ୍ର ସଂସଦ ତରଫରୁ ଚାଲିଥିବା ତ୍ରିଦିବସୀୟ ଆଞ୍ଚଳିକ ରଜ ଉତ୍ସବ ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ପ୍ରାକ୍ତନ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଧର୍ମଶାସ୍ତ୍ର ବିଭାଗ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁରୀର ଡକ୍ଟର ବ୍ରଜକିଶୋର ସ୍ୱାଇଁ, ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ମୁଖ୍ୟ ଆୟକର ଆଯୁକ୍ତ ଆର୍ତ୍ତବନ୍ଧୁ ପାତ୍ର, ଅନ୍ୟତମ ସମ୍ମାନିତ ଅତିଥି ଭାବରେ ପ୍ରାଚୀ ଉପତ୍ୟକାର ଗବେଷକ ହଂସନାଥ ସାହୁ, ସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ହୃଦାନନ୍ଦ ସାହୁ ଓ ରବିନାରାୟଣ ମହାପାତ୍ର ଯୋଗ ଦେଇଥିଲେ। ପ୍ରାରମ୍ଭରେ କଣ୍ଟାପଡା ବ୍ଲକର ମାଟ୍ରିକ ଟପର ଦେବପ୍ରିୟା ସାହୁ, ଜ୍ୟୋତ୍ସ୍ନାରାଣୀ ମିଶ୍ର, ଅନନ୍ୟା ମହାରଣା, ସ୍ୱାତୀ ପ୍ରିୟଦର୍ଶିନୀ ପାତ୍ର, ଗାୟତ୍ରୀ ବେଉରା, ସୋନାଲି ଆଚାର୍ଯ୍ୟ ରାଜ୍ୟ ଯୁକ୍ତ ଦୁଇ ବିଜ୍ଞାନରେ ସମଗ୍ର ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରିଥିବା ସନ୍ତୋଷୀ ପ୍ରଧାନ, ଅଡଣପୁର ମହାବିଦ୍ୟାଳୟର ବିଜ୍ଞାନ ବିଭାଗର ଅନ୍ୟତମ ଟପର ସ୍ମୃତିରେଖା ରାଉତରାୟ, ଯୁକ୍ତ ଦୁଇ କଳାର ଟପର ଲିପିକା ରଣା, ଗୋପବନ୍ଧୁ ନୋଡାଲ ବିଦ୍ୟା ମନ୍ଦିରର ଅଷ୍ଟମ ଶ୍ରେଣୀ ଟପର ପ୍ରୟାସ ଜେନା, ନବମ ଶ୍ରେଣୀ ଟପର ପ୍ରିୟଙ୍କା ପ୍ରିୟଦର୍ଶିନୀ ରାଉତରାୟଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଁ ପୁରସ୍କୃତ କରାଯାଇଥିଲା। ଅନ୍ୟ ସମସ୍ତ ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଦିଆଯାଇଥିଲା। ପୁରାତନ ଛାତ୍ର ସଂସଦର ସଭାପତି ପ୍ରିୟନାଥ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ବିରେନ ଆଚାର୍ଯ୍ୟ, ରଣଜିତ ରାଉତରାୟ, କିଶୋର ପାତ୍ର ସ୍ୱଦେଶ ରଞ୍ଜନ ପାତ୍ର, ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ, ଗଗନ ରାଉତ, ପୁନାନନ୍ଦ ପାତ୍ର, ପରମେଶ୍ୱର ଦାସ, ଦୀପକ ଆଚାର୍ଯ୍ୟ, ବିଶ୍ୱରଂଜନ ରାଉତ, ଅଭିଜିତ ଆଚାର୍ଯ୍ୟ, ଅମ୍ବିକା ପ୍ରସାଦ ଆଚାର୍ଯ୍ୟ, ସୁବ୍ରତ ଆଚାର୍ଯ୍ୟ, ଶ୍ରୀମନ୍ତ ଆଚାର୍ଯ୍ୟ, ଉପେନ୍ଦ୍ର ଆଚାର୍ଯ୍ୟ ସହାୟତା କରିଥିଲେ। ମନମୋହନ ବେହେରା ଧନ୍ୟବାଦ ଦେଇଥିବା ବେଳେ ସମ୍ପାଦକ ସଞ୍ଜୟ ରାଉତରାୟ ମଞ୍ଚ ପରିଚାଳନା କରିଥିଲେ।

## ■ ନୂଆଗଡ଼ ନିୟୁ ଷ୍ଟାର ୟୁଥ୍ କ୍ଲବ୍



ଫୁଲନଖରା: କଟକ ସଦର ଥାନା ୫୮ ନଂ ୱାର୍ଡ ଅନ୍ତର୍ଗତ ନୂଆଗଡ ଗ୍ରାମରେ ତିନିଦିନ ଧରି ଚାଲିଥିବା ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ନିୟୁ ଷ୍ଟାର ୟୁଥ୍ କ୍ଲବ୍ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ବିଭିନ୍ନ ଗ୍ରାମର ମୁରବୀ ଓ ଗଣମାଧ୍ୟମ ପ୍ରତିନିଧି ସମ୍ବର୍ଦ୍ଧିତ ହୋଇଥିଲେ। ସମାଜସେବୀ ବିକ୍ରମ କେଶରୀ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବରେ କଟକ ସଦର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବରେ କଟକ ସଦର ଥାନା ଆଇଆଇସି ତୁଷାରକାନ୍ତ ସେଠୀ, ବରିଷ୍ଠ ମୁରବୀ ପୀତବାସ ମହାପାତ୍ର, ଆଞ୍ଚଳିକ ଶାନ୍ତି କମିଟି ସଭାପତି ନିମାଇଁ ଚରଣ ଲେଙ୍କା, କାର୍ଯ୍ୟକାରୀ ସଭାପତି ସ୍ୱାଧୀନଚେତା ମହାନ୍ତି, ସଂପାଦକ ସୁରେନ୍ଦ୍ର ମହାପାତ୍ର, ଆଧାତ୍ମିକ ସ୍ତମ୍ଭକାର ଶ୍ରୀସନ୍ନ୍ୟାସୀଜୀ, ପ୍ରତାପନଗରୀ ଗ୍ରାମ୍ୟ କମିଟି ସଭାପତି ପ୍ରମୋଦ ସ୍ୱାଇଁ, ସମାଜସେବୀ ପ୍ରମୋଦ ମହାପାତ୍ର, ଆଇନଜୀବୀ ଦିଲ୍ଲୀପ ମହାରଣା ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗୀ ପୁରସ୍କୃତ ହୋଇଥିଲେ। କ୍ଲବ୍‌ର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ■ କଟକ ସଦରରେ ୪ ଦିନ ଦୁଲୁକିଲା ମଞ୍ଚ



କିଶନନଗର: କଟକ ସଦର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀଙ୍କ ଆୟୋଜନରେ କିଶନନଗର ହାଟ ତୋଟାରେ ଚାଲିଥିବା ୪ଦିନିଆ 'କଟକ ସଦର ରଜ ମହୋତ୍ସବ-୨୦୨୬' ଆଜି ରାତିରେ ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ସାମ୍ବାଦିକ, କଳାକାର ଓ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧୁଚରଣ ଜେନା, ଆମ୍ବା ସଭାପତି ରମାପ୍ରସାଦ ବିଶ୍ୱାଳ, ବିରଞ୍ଚି କୁମାର ପଣ୍ଡା, ପ୍ରାଧ୍ୟାପକ ଦେବେନ୍ଦ୍ରନାଥ ବାରିକ, ଅଧ୍ୟାପକ ଅଜିତ କୁମାର ମୁଖାର୍ଜୀ, ଶିକ୍ଷାବିତ ବିମଳ କୁମାର ପଣ୍ଡା, ଅରବିନ୍ଦ ମହାନ୍ତି, କେଳୁଚରଣ ମହାଳି ପ୍ରମୁଖଙ୍କ ସହ ସଦର ଅଞ୍ଚଳର ବହୁ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ଉତ୍ସବକୁ ପ୍ରତିଦିନ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକେ ଉପଭୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରି ପ୍ରତିଯୋଗୀମାନେ ପୁରସ୍କୃତ ହୋଇଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୪.୫୭ • ପାଉଣ୍ଡ ୧୨୬.୮୨
- ୟୁରୋ ୧୦୯.୬୭ • ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୮,୫୦୦ (ଭୁବନେଶ୍ୱର)
- ରୁପା : ୨,୭୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୭,୧୫୫.୦୦
- ନିଫ୍ଟି ୨୪,୦୮୫.୦୦

**ପେଟ୍ରୋଲ-ଡିଜେଲ୍**



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦

## ଭୟଙ୍କର ହେବ ଏଲ୍-ନିନୋ ପ୍ରଭାବ

# ଉଜୁଡ଼ିବ ଧାନ ଫସଲ

## ଖରିଫ୍ ଋତୁରେ ସ୍ୱାଭାବିକଠାରୁ କମ୍ ବର୍ଷା ସମ୍ଭାବନା

**ନୂଆଦିଲ୍ଲୀ,୧୭।୬(ଏଜେନ୍ସି):** ଏଲ୍-ନିନୋକୁ ନେଇ ଚାରିଆଡେ ଭୟ। ଆଗକୁ କେମିତି ରହିବ ବର୍ଷା। ଚାଷ ପାଇଁ ପାଗ ଅନୁକୂଳ ହେବ କି ନାହିଁ, ଏହିସବୁ ଚିନ୍ତା ଏବେ ଚାଷୀଙ୍କୁ ଘାରିଛି। ହେଲେ ଏଲ୍-ନିନୋ ସମ୍ପର୍କରେ ନେଇ ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ(ଏଫ୍‌ଏଓ)ର ଚେତାବନୀ ଭୟ ସୃଷ୍ଟି କରିଛି। ଏଲ୍-ନିନୋ ପର୍ଯ୍ୟାୟ ଆନୁଷ୍ଠାନିକ ଭାବରେ ଆରମ୍ଭ ହେବା ସହିତ, ଏହା ଭାରତର ଗ୍ରୀଷ୍ମ ମୌସୁମୀ ପ୍ରବାହକୁ ଦୁର୍ବଳ କରିବାର ସମ୍ଭାବନା ରହିଛି। ଏହାଫଳରେ ଗୁରୁତ୍ୱପୂର୍ଣ୍ଣ ଖରିଫ ଋତୁରେ ଧାନ ଏବଂ ମକା ସମେତ ବର୍ଷା ଉପରେ ନିର୍ଭରଶୀଳ ଫସଲଗୁଡିକ ପ୍ରଭାବିତ ହେବ। ଅପରପକ୍ଷେ ଦେଶରେ ଖାଦ୍ୟ ସୁରକ୍ଷା ନେଇ ସରକାର ବଡ଼ ଆଶ୍ୱାସନା ଦେଇଛନ୍ତି। ସରକାରଙ୍କ କହିବାନୁଯାୟୀ, ଖାଦ୍ୟ ଭଣ୍ଡାରରେ ରେକର୍ଡ ପରିମାଣରେ ଖାଦ୍ୟ ଗଚ୍ଛିତ ହୋଇ ରହିଛି। ସରକାରୀ ଗୋଦାମରେ ଏବେ ଧାନ ଓ ଗହମର ସଂରକ୍ଷଣ ରେକର୍ଡ ସ୍ତରରେ ପହଞ୍ଚିଛି।



### ଜାତିସଂଘ ଖାଦ୍ୟ ଓ କୃଷି ସଂଗଠନର ଚେତାବନୀ

ଏହା କେବଳ ଦେଶର ଖାଦ୍ୟ ସୁରକ୍ଷାକୁ ମଜବୁତ କରିବ ନାହିଁ, ବରଂ ଅନ୍ତର୍ଜାତୀୟ ବଜାରରେ ମଧ୍ୟ ଭାରତର ସ୍ଥିତିକୁ ସୁଦୃଢ଼ କରିବ। ଗୋଟିଏ ପଟେ କେନ୍ଦ୍ର ସରକାର ଖାଦ୍ୟ ସୁରକ୍ଷାର ଦ୍ୱାହି ଦେଉଥିବାବେଳେ ବଜାରରେ ଖାଦ୍ୟ ସମାଗ୍ରୀ କ୍ଷେତ୍ରରେ ମୁଦ୍ରାସ୍ଫୀତି ଖୁବ୍ ଉପରେ ପହଞ୍ଚିଲାଣି। ଖାଉଟି ବଜାରରେ ଖାଦ୍ୟ ସାମଗ୍ରୀ ମୂଲ୍ୟ ହୁ ହୁ ହୋଇ ବଢ଼ିଚାଲିଛି। ଯଦି ଏଲ୍-ନିନୋ ଦ୍ୱାରା ଭାରତ ପ୍ରଭାବିତ ହୁଏ ତେବେ ଫସଲହାନୀ ଘଟିବା ସୁନିଶ୍ଚିତ। ଏହା ହେଲେ ବଜାର ଦର ଆହୁରି ମହଙ୍ଗା ହେବ।

ଖାଦ୍ୟ ଏବଂ କୃଷି ସଂଗଠନ ଚେତାବନୀ ଜାରି କରି କହିଛି ଯେ, ଏଲ୍-ନିନୋ ପ୍ରଭାବରେ ଚଳିତ ଖରିଫ୍ ଋତୁରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇପାରେ। ଯାହା ଭାରତରେ ଧାନ ଓ ମକା ଭଳି ବର୍ଷା ନିର୍ଭରଶୀଳ ଫସଲ ପାଇଁ ଚିନ୍ତା ବଢ଼ାଇପାରେ। ଏସିଆ ମହାଦେଶରେ ବିପଦ କେବଳ ଚାଷ ଜମି ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ବିଶ୍ୱ ବଜାର ପର୍ଯ୍ୟନ୍ତ ବ୍ୟାପିଛି। ଏଲ୍-ନିନୋ ଭାରତର ଅଧିକାଂଶ ସ୍ଥାନରେ ଗ୍ରୀଷ୍ମ ମୌସୁମୀକୁ ଦୁର୍ବଳ କରିପାରେ, ଯାହା ଧାନ ଏବଂ ମକା ଭଳି ବର୍ଷା ଉପରେ ନିର୍ଭରଶୀଳ ଫସଲକୁ ପ୍ରଭାବିତ କରିପାରେ ବୋଲଇ ଏଫ୍‌ଏଓ ଏହାର ୱେବସାଇଟରେ କହିଛି। ଦକ୍ଷିଣ ଏବଂ ଦକ୍ଷିଣ-ପୂର୍ବ ଏସିଆକୁ ଚଳିତବର୍ଷ ମରୁଡ଼ି ବିପଦ ରହିଛି। ଭାରତ ଉପରେ ଏହାର ପ୍ରଭାବ ବିଶେଷ ଚିନ୍ତାର ବିଷୟ। କାରଣ ୨୦୧୫-୧୬ ଏଲ୍-ନିନୋ ସମୟରେ ଭାରତର ମକା ଉତ୍ପାଦନ ୪ ପ୍ରତିଶତ ଏବଂ ଚାଉଳ ଉତ୍ପାଦନ ଏକ ପ୍ରତିଶତ ହ୍ରାସ ପାଇଛି। ଦକ୍ଷିଣ-ପୂର୍ବ ଏସିଆରେ ସମାନ ଘଟଣା ପ୍ରାୟ ୧୫ ନିୟୁତ ଟନ୍ ଚାଉଳ ଉତ୍ପାଦନ କ୍ଷତି କରିଥିଲା, ଯାହା ମୂଲ୍ୟ ବୃଦ୍ଧି କରିଥିଲା ଏବଂ ଆମଦାନୀ-ନିର୍ଭରଶୀଳ ଦେଶଗୁଡ଼ିକ ଉପରେ ଚାପ ସୃଷ୍ଟି କରିଥିଲା। ଏଫ୍‌ଏଓର ପ୍ରାକୃତିକ ସମ୍ପଦ ଅଧିକାରୀ ଜର୍ଜ ଆଲଭାର-ବେଲଟ୍ରାନ କହିଛନ୍ତି ଯେ, ଏହି ଚକ୍ର ପୂର୍ବ ଚକ୍ର ଅପେକ୍ଷା ଅଧିକ କ୍ଷତିକାରକ ପ୍ରମାଣିତ ହୋଇପାରେ।

ସରକାରଙ୍କ କହିବାନୁଯାୟୀ, ଯଦିଓ ପାଣିପାଗକୁ ନେଇ କିଛି ଆଶଙ୍କା ରହିଛି, ତଥାପି ଭାରତର ବର୍ତ୍ତମାନର ଏହି ବିପୁଳ ଖାଦ୍ୟ ଭଣ୍ଡାର ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ପାଇଁ ଏକ ଦୃଢ଼ କବଚ ଭାବେ କାର୍ଯ୍ୟ କରିବ। ସରକାରୀ ତଥ୍ୟ ଅନୁଯାୟୀ, ଜୁନ୍ ପହିଲା ସୁଦ୍ଧା ଭାରତର ସରକାରୀ ଗୋଦାମରେ ଧାନ ମହଜୁଦ ପରିମାଣ ବାର୍ଷିକ ୧୫ ପ୍ରତିଶତ ବୃଦ୍ଧି ପାଇ ୬୮.୪୩ ନିୟୁତ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି। ଏହା ସରକାରଙ୍କ ଲକ୍ଷ୍ୟଠାରୁ ବହୁଗୁଣ ଅଧିକ। ସେହିପରି, ଗହମ ମହଜୁଦ ମଧ୍ୟ ୫ ବର୍ଷର ସର୍ବୋଚ୍ଚ ସ୍ତର ୫୩.୪୧ ନିୟୁତ ଟନ୍‌ରେ ପହଞ୍ଚିଛି। ଚାଷୀଙ୍କଠାରୁ ବ୍ୟାପକ ସଂଗ୍ରହ ଯୋଗୁ ଏହି ସଫଳତା ମିଳିଛି।

## ବିଏସ୍‌ଇ ଓ ଏନ୍‌ଏସ୍‌ଇରେ ବେଦାନ୍ତର ୪ କମ୍ପାନୀ ତାଲିକାଭୁକ୍ତ

# ଭାରତର ଶିଳ୍ପ ଭବିଷ୍ୟତ ପାଇଁ ଏକ ନୂତନ ଅଧ୍ୟାୟ : ଅନିଲ ଅଗ୍ରୱାଲ

**ମୁମ୍ବାଇ, ୧୭।୬:** ବେଦାନ୍ତ ଗ୍ରୁପ୍ ଆଜି ବିଏସ୍‌ଇ (ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ) ଏବଂ ଏନ୍‌ଏସ୍‌ଇ (ଜାତୀୟ ଷ୍ଟକ୍ ଏକ୍ସଚେଞ୍ଜ)ରେ ଚାରୋଟି ନୂତନ ପୃଥକ କମ୍ପାନୀକୁ ତାଲିକାଭୁକ୍ତ କରି ଭାରତୀୟ କର୍ପୋରେଟ୍ ଇତିହାସରେ ଏକ ନିର୍ଣ୍ଣାୟକ ମାଇଲଖୁଣ୍ଟ ଚିହ୍ନିତ କରିଛି। ଏହି ଐତିହାସିକ ତାଲିକାଭୁକ୍ତ ଧାତୁ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ଆଲୁମିନିୟମ, ତୈଳ ଏବଂ ଗ୍ୟାସ, ଶକ୍ତି ଏବଂ ଲୁହା ଏବଂ ଇସ୍ପାତ କ୍ଷେତ୍ରକୁ ବିସ୍ତାରିତ କରିବା ସହିତ, ବିଶ୍ୱସ୍ତରୀୟ ବ୍ୟବସାୟର



ଏକ ପୋର୍ଟଫୋଲିଓ ସୃଷ୍ଟି କରେ। ବେଦାନ୍ତ ଆଲୁମିନିୟମ, ବେଦାନ୍ତ ତୈଳ ଏବଂ ଗ୍ୟାସ, ବେଦାନ୍ତ ଲୌହ ଲୁହା ଏବଂ ଇସ୍ପାତ ଓ ବେଦାନ୍ତ ପାୱାରର ତାଲିକାଭୁକ୍ତକରଣ, ମୂଲ୍ୟ ଅନଲକ୍ କରିବା, ବ୍ୟବସାୟିକ ଧ୍ୟାନକୁ ତୀକ୍ଷ୍ଣ କରିବା ଏବଂ ବିଶ୍ୱସ୍ତରୀୟ ଅର୍ଥନୈତିକ ଏବଂ ଉତ୍ପାଦନ ଶକ୍ତିହାଉସ୍ ଭାବରେ ଭାରତର ଉଦୟ ସହିତ ସମନ୍ୱିତ କ୍ଷେତ୍ର ସୃଷ୍ଟି କରିବା ପାଇଁ ଏକ ଭବିଷ୍ୟତ-ପ୍ରସ୍ତୁତ ପରିବର୍ତ୍ତନର ପରିଣାମକୁ ପ୍ରତିନିଧିତ୍ୱ କରେ। ଏହି ନୂତନ ତାଲିକାଭୁକ୍ତ ସଂସ୍ଥାଗୁଡ଼ିକ ଆଜି ବେଦାନ୍ତ ଲିମିଟେଡ୍ ସହିତ ବାଣିଜ୍ୟ ଆରମ୍ଭ କରୁଛନ୍ତି, ଯାହା ହିନ୍ଦୁସ୍ତାନ ଜିଙ୍କ ଦ୍ୱାରା ସଂଯୁକ୍ତ ଗୋଷ୍ଠୀର ପ୍ରମୁଖ ତାଲିକାଭୁକ୍ତ ସଂସ୍ଥା ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ବ୍ୟବସାୟର ଏକ ବିଶ୍ୱସ୍ତରୀୟ ଗୁରୁତ୍ୱପୂର୍ଣ୍ଣ ପୋର୍ଟଫୋଲିଓ। ତାଲିକାଭୁକ୍ତ ସମାରୋହରେ ଭାଷଣ ଦେଇ ବେଦାନ୍ତ ଗ୍ରୁପର ଅଧ୍ୟକ୍ଷ ଶ୍ରୀ ଅନିଲ ଅଗ୍ରୱାଲ କହିଛନ୍ତି, ଆଜି ବେଦାନ୍ତ ପାଇଁ ଏକ ଐତିହାସିକ ୨୪ ବର୍ଷ ପୂର୍ବେ, ବେଦାନ୍ତ ଲଣ୍ଡନ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ହୋଇଥିବା ପ୍ରଥମ ଭାରତୀୟ କମ୍ପାନୀ ହୋଇଥିଲା ଏବଂ ଏକ ଏଫ୍‌ଟିଏସ୍‌ଇ୧୦୦ କମ୍ପାନୀ ହୋଇଥିଲା। ଆଜି ଯେଉଁ କମ୍ପାନୀଗୁଡ଼ିକୁ ତାଲିକାଭୁକ୍ତ ହୋଇଛି, ସେମାନେ ଏହି ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲ ପାଇଁ ବିଶାଳ ଚାହିଦା-ଯୋଗାଣ ବ୍ୟବଧାନ ପୂରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ଏହି କମ୍ପାନୀଗୁଡ଼ିକ ପିଢ଼ି ପରେ ପିଢ଼ି ପାଇଁ ଦେଶ ସେବା କରିବା, ଅଂଶୀଦାରମାନଙ୍କ ପାଇଁ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବା, ଭାରତର ଆତ୍ମନିର୍ଭରଶୀଳତାକୁ ମଜବୁତ କରିବା ଏବଂ ବିକଶିତ ଭାରତର ମହତ୍ତ୍ୱାକାଂକ୍ଷାକୁ ସମର୍ଥନ କରିବା ପାଇଁ ନିର୍ମିତ ହୋଇଛି।

## ହରମୁଜ୍ ସଙ୍କଟ କେବଳ ଆରମ୍ଭ ମାତ୍ର

# ତେଲ ନୁହେଁ; ଔଷଧ ପରବର୍ତ୍ତୀ ଆହ୍ୱାନ: ରାଜନ୍

**ନୂଆଦିଲ୍ଲୀ,୧୭।୬(ଏଜେନ୍ସି):** ହରମୁଜ୍ ପ୍ରଣାଳୀରେ ଦେଖାଦେଇଥିବା ସଙ୍କଟ ଆମେରିକା ଏବଂ ଇରାନ ମଧ୍ୟରେ ଏକ ସମ୍ଭାବ୍ୟ ଶାନ୍ତି ଚୁକ୍ତି ଦ୍ୱାରା ସମାପ୍ତ ହୋଇପାରେ। ହେଲେ ଭାରତ ପାଇଁ ପରବର୍ତ୍ତୀ ସଙ୍କଟ ତେଲ ନୁହେଁ, ବରଂ ଜେନେରିକ୍ ଔଷଧ ଉତ୍ପାଦନ ପାଇଁ ବ୍ୟବହୃତ କଞ୍ଚାମାଲ୍ ହୋଇପାରେ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ପୂର୍ବତନ ଗଭର୍ଣ୍ଣର ଏବଂ ଚିକାଗୋ ବିଶ୍ୱବିଦ୍ୟାଳୟ ବୁଥ୍ ସ୍କୁଲ୍ ଅଫ୍ ବିଜନେସର ଅର୍ଥ ପ୍ରଫେସର ରଘୁରାମ ରାଜନ୍ କହିଛନ୍ତି।



ଭାରତର ମୋଟ ଅଶୋଧିତ ତେଲ, ଏଲ୍‌ଏନ୍‌ଜି ଏବଂ ଏଲ୍‌ପିଜି ଆମଦାନୀର ଏକ ବଡ଼ ଅଂଶ ହରମୁଜ୍ ମାର୍ଗ ଦେଇ ଆସେ। ଭାରତକୁ ବର୍ତ୍ତମାନର ସ୍ତର ଅପେକ୍ଷା ବହୁତ ବଡ଼ ରଣନୈତିକ ତୈଳ ଭଣ୍ଡାର ଆବଶ୍ୟକ। ସେ ଚୀନ୍ ସହିତ କୋଇଲା ଉତ୍ପାଦନ ବୃଦ୍ଧି କରିବା ଭଳି ନମନୀୟ ବ୍ୟାକଅପ୍ ବିକଳ୍ପକୁ ସମର୍ଥନ କରିଛନ୍ତି। ତଥାପି, ସେ ସତର୍କ କରାଇ ଦେଇଛନ୍ତି ଯେ ନବୀକରଣୀୟ ଶକ୍ତି ମଧ୍ୟ ନିଜର ଯୋଗାଣ-ଶୃଙ୍ଖଳା ବିପଦ ସୃଷ୍ଟି କରେ। କାରଣ ଭାରତ ସୌର ସେଲ୍ ପାଇଁ ଆମଦାନୀ ଉପରେ ଅତ୍ୟଧିକ ନିର୍ଭରଶୀଳ। ସେ ଭାରତୀୟ ଶିଳ୍ପଗୁଡ଼ିକୁ ଘରୋଇ ବିକଳ୍ପ ବିକାଶରେ ଅଧିକ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ ଦେଇଛନ୍ତି। ରାଜନ କହିଛନ୍ତି ଯେ ଭାରତ ବର୍ତ୍ତମାନ ଆମେରିକାରୁ ଭାରୀ ଶୁଳ୍କ ବିପଦର ସମ୍ମୁଖୀନ ହେବା ଅପେକ୍ଷା ଭଲ ସ୍ଥିତିରେ ଅଛି। ତାଙ୍କର ମୁଖ୍ୟ ପରାମର୍ଶ ହେଉଛି ଯେ ଭାରତ ଯେକୌଣସି ବଡ଼ ଝଟକାକୁ ଏଡାଇବା ପାଇଁ ଯଥାଶୀଘ୍ର ଏହାର ଆମଦାନୀ ଉତ୍ସ ଏବଂ ରପ୍ତାନି ବଜାର ଉଭୟକୁ ବିବିଧ କରିବା ଉଚିତ। ସେ ଟଙ୍କାର ବିନିମୟ ମୂଲ୍ୟରେ ହ୍ରାସ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ତୀବ୍ର ହ୍ରାସ, ଯାହା ଗତ ଦୁଇ ବର୍ଷ ମଧ୍ୟରେ ପ୍ରାୟ ୧୪% ହ୍ରାସ ପାଇଛି। ତାହାକୁ ଉଲ୍ଲେଖ କରି ରାଜନ ଏହାକୁ କେବଳ ତୈଳ ମୂଲ୍ୟ ନୁହେଁ ବରଂ ଏକ ସଂରଚନିକ ସମସ୍ୟା ବୋଲି କହିଛନ୍ତି। ରାଜନ କହିଛନ୍ତି ଯେ ଭାରତ ପ୍ରବଳ ରେମିଟେନ୍ସ (ପ୍ରବାସୀମାନଙ୍କ ଦ୍ୱାରା ପଠାଯାଇଥିବା ଟଙ୍କା) ପାଉଥିବାବେଳେ, ଦେଶ ବିଦେଶୀ ପ୍ରତ୍ୟକ୍ଷ ନିବେଶ (ଏଫ୍‌ଡିଆଇ) ଆକର୍ଷିତ କରିବାରେ ପଛରେ ରହିଛି। ସେ ପ୍ରଶ୍ନ କରିଛନ୍ତି ଯେ ଦେଶର ଦୃଢ଼ ଜିଡିପି ଅଭିବୃଦ୍ଧି ହାର ସତ୍ତ୍ୱେ ଘରୋଇ ନିବେଶ ଅନୁପାତରେ କାହିଁକି ବଢୁନାହିଁ।

## ଶସ୍ତା ହେଉଛି ଅଶୋଧିତ ତୈଳ

# ବ୍ୟାରେଲ ପିଛା ୮୦ ଡଲାର ତଳକୁ ଖସିଲା

**ନୂଆଦିଲ୍ଲୀ,୧୭।୬(ଏଜେନ୍ସି):** ଆମେରିକା-ଇରାନ ବିବାଦର ସମ୍ଭାବ୍ୟ ଅନ୍ତ ଏବଂ ହର୍ମୁଜ୍ ପ୍ରଣାଳୀ ପୁନର୍ବାର ଖୋଲିବା ଆଶା ସୃଷ୍ଟି ହେବା ପରେ ଆଜି ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ତିନି ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଗତ ଚାରି ଅଧିବେଶନରେ ୧୫% ହ୍ରାସ ପରେ ବ୍ରେଣ୍ଟ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୮୦ ଡଲାର ତଳକୁ ଖସିଆସିଛି। ଏହି ସମୟରେ, ୱେଷ୍ଟ ଟେକ୍ସାସ ଇଣ୍ଟରମିଡିଏଟ୍ ତୈଳ ମୂଲ୍ୟ ପ୍ରାୟ ୭୭ ଡଲାର ପ୍ରତି ବ୍ୟାରେଲରେ କାରବାର କରୁଛି। ମଙ୍ଗଳବାର ଉଭୟ ବେଞ୍ଚମାର୍କର ମୂଲ୍ୟରେ ପ୍ରାୟ ୫% ହ୍ରାସ ପାଇଥିଲା, ଯାହା କ୍ରମାଗତ ଦ୍ୱିତୀୟ ହ୍ରାସ ଅଧିବେଶନକୁ ଚିହ୍ନିତ କରି ତିନି ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଆମେରିକା ଏବଂ ଇରାନ ମଧ୍ୟରେ ମଧ୍ୟବର୍ତ୍ତୀକାଳୀନ ଶାନ୍ତି ଚୁକ୍ତିର ପ୍ରମୁଖ ବିବରଣୀ ମଙ୍ଗଳବାର ଦିନ ପ୍ରକାଶ ପାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିଲେ ଯେ ଏହି ଚୁକ୍ତି ତେହେରାନକୁ ପରମାଣୁ ଅସ୍ତ୍ର ବିକାଶ କରିବାରୁ ରୋକିବ। ତଥାପି, ଶିଳ୍ପ ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ ତୈଳ ଉତ୍ପାଦନ ଏବଂ ବିଶୋଧନ କାର୍ଯ୍ୟକୁ ଯୁଦ୍ଧ ପୂର୍ବ ସ୍ତରକୁ ପୁନରୁଦ୍ଧାର କରିବା ପାଇଁ ସପ୍ତାହରୁ ଏକ ବର୍ଷ ପର୍ଯ୍ୟନ୍ତ ସମୟ ଲାଗିପାରେ। ଇସ୍ରାଏଲ ଏପ୍ରିଲ ଯୁଦ୍ଧବିରତି ଏବଂ ନୂତନ ଆମେରିକା-ଇରାନ ଚୁକ୍ତିନାମା ଉଭୟଠାରୁ ନିଜର ଦୂରତା ବଜାୟ ରଖିଛି, ଯାହା ନୂତନ ଯୁଦ୍ଧବିରତିର ସ୍ଥାୟୀତ୍ୱ ବିଷୟରେ ଚିନ୍ତା ସୃଷ୍ଟି କରିଛି।



### କମୁନି ପେଟ୍ରୋଲ, ଡିଜେଲ ଦର
### ସରକାରୀ ତେଲ କମ୍ପାନୀଙ୍କ ପୁଷ ମାସ

ଗତ କିଛି ସପ୍ତାହ ଧରି ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସର ବୃଦ୍ଧି ପାଉଥିବା ମୂଲ୍ୟ ସାଧାରଣ ଲୋକଙ୍କ ପକେଟ ଉପରେ ଚାପ ପକାଇଛି। ଏହି ପରିପ୍ରେକ୍ଷୀରେ, ଆମେରିକା ଏବଂ ଇରାନ ମଧ୍ୟରେ ଶାନ୍ତି ଚୁକ୍ତିନାମା ନୂତନ ଆଶା ସୃଷ୍ଟି କରିଛି। ଏହି ଚୁକ୍ତିନାମା ପରେ, ଏହା ବିଶ୍ୱାସ କରାଯାଉଛି ଯେ ବିଶ୍ୱରେ ଅଶୋଧିତ ତୈଳ ମୂଲ୍ୟ ଉପରେ ଚାପ ହ୍ରାସ ପାଇବ ଏବଂ ତୈଳ ଯୋଗାଣ ଧୀରେ ଧୀରେ ସ୍ୱାଭାବିକ ହେବ। କିନ୍ତୁ ଏଠାରେ ବଡ଼ ପ୍ରଶ୍ନ ହେଉଛି ଯେ ଭାରତୀୟ ଗ୍ରାହକମାନେ ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ ଦ୍ୱାରା ଲାଭବାନ ହେବେ କି? ବର୍ତ୍ତମାନ ଏହାର ସ୍ପଷ୍ଟ ଉତ୍ତର ହେଉଛି ନାଁ'। ବଜାର ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଅଶୋଧିତ ତୈଳ ମୂଲ୍ୟ କମ ହେବା ସତ୍ତ୍ୱେ, ପେଟ୍ରୋଲ, ଡିଜେଲ ଏବଂ ଏଲପିଜିର ମୂଲ୍ୟ ତୁରନ୍ତ ହ୍ରାସ ପାଇବାର ସମ୍ଭାବନା ନାହିଁ।

ଲୋକମାନେ ପ୍ରାୟତଃ ବ୍ରେଣ୍ଟ ଅଶୋଧିତ ତୈଳର ମୂଲ୍ୟକୁ ଦେଖି ଅନୁମାନ କରନ୍ତି ଯେ ପେଟ୍ରୋଲ ଏବଂ ଡିଜେଲ ଖୁବ୍ ଶୀଘ୍ର ଶସ୍ତା ହୋଇଯିବ। କିନ୍ତୁ ଚିତ୍ର ଏତେ ସରଳ ନୁହେଁ। ଭାରତ ଆମଦାନୀ କରୁଥିବା ଅଶୋଧିତ ତୈଳର ପ୍ରକୃତ ମୂଲ୍ୟ, ଉପଲବ୍ଧତା ଏବଂ ଯୋଗାଣ ବହୁତ ଗୁରୁତ୍ୱପୂର୍ଣ୍ଣ।

# ୨୦୨୬ ଶେଷ ସୁଦ୍ଧା ଭାରତ-ଇୟୁ ଏଫ୍‌ଟିଏ

**ନୂଆଦିଲ୍ଲୀ,୧୭।୬(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଇଭିଆନରେ ଅନୁଷ୍ଠିତ ଜି-୭ ଶିଖର ସମ୍ମିଳନୀ ଅବସରରେ ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ଏବଂ ୟୁରୋପୀୟ କମିଶନର ଅଧ୍ୟକ୍ଷା ଉର୍ସୁଲା ଭନ୍ ଡେର୍ ଲେଏନଙ୍କ ସହ ଏକ ଦ୍ୱିପାକ୍ଷିକ ବୈଠକ କରିଛନ୍ତି। ବୈଠକରେ ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫଟିଏ) ଚଳିତ ବର୍ଷ ଶେଷ ଆଡକୁ ସ୍ୱାକ୍ଷର ହୋଇପାରେ। ଚୁକ୍ତି ଶୀଘ୍ର ସ୍ୱାକ୍ଷର ଏବଂ ଦ୍ରୁତ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ। ବିଶ୍ୱର ଦୁଇ ସର୍ବବୃହତ ଗଣତନ୍ତ୍ର ରୂପେ, ମୁକ୍ତ ବଜାର ଅର୍ଥନୀତି ଏବଂ

**ଜି-୭ ଶିଖର ସମ୍ମିଳନୀ**

ବିବିଧତାପୂର୍ଣ୍ଣ ସମାଜ ଭାବରେ, ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ସମ୍ପର୍କ ପାରସ୍ପରିକ ବିଶ୍ୱାସ, ସମାନ ମୂଲ୍ୟବୋଧ ଏବଂ ଭବିଷ୍ୟତ ପାଇଁ ଏକ ସାଧାରଣ ଦୃଷ୍ଟିକୋଣ ଉପରେ ପ୍ରତିଷ୍ଠିତ। ପାରସ୍ପରିକ ସ୍ୱାର୍ଥ ସହ ଜଡ଼ିତ ଆଞ୍ଚଳିକ ଏବଂ ବିଶ୍ୱ ପ୍ରସଙ୍ଗ ଉପରେ ଆଲୋଚନା କରି ଏହି ନେତାମାନେ ପଶ୍ଚିମ ଏସିଆ ସାଂପ୍ରତିକ ଘଟଣାକ୍ରମକୁ ସ୍ୱାଗତ କରିଥିଲେ।

# ଆଇଡିବିଆଇ ବ୍ୟାଙ୍କର ଏଫସିଏନଆର(ବି) ସ୍ପେଶାଲ ଅପର୍ଚୁନିଟି ଡିପୋଜିଟ

**ମୁମ୍ବାଇ,୧୭।୬:** ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ଡଲାର (ୟୁଏସଡି)ରେ ଏଫସିଏନଆର(ବି) ସ୍ପେଶାଲ ଅପରଚ୍ୟୁନିଟି ଡିପୋଜିଟର ଶୁଭାରମ୍ଭ କରାଯାଇଛି ଯାହା ସୁରକ୍ଷିତ ଓ ଆକର୍ଷଣୀୟ ବିଦେଶୀ ମୁଦ୍ରା ନିବେଶ ସୁଯୋଗ ଚାହୁଁଥିବା ପ୍ରବାସୀ ଭାରତୀୟ(ଏନଆରଆଇ) ଗ୍ରାହକଙ୍କୁ ଉନ୍ନତ ରିଟର୍ଣ୍ଣ ପ୍ରଦାନ କରିଥାଏ। ଏହାର ସ୍ୱତନ୍ତ୍ର ରେଟ୍ ସୀମିତ ଅବଧି ପାଇଁ ଜୁନ୍ ୧୧ ତାରିଖ ୨୦୨୬ରୁ ସେପ୍ଟେମ୍ବର ୨୦ ତାରିଖ ୨୦୨୬ ପର୍ଯ୍ୟନ୍ତ ବୈଧ ରହିବ। ୟୁଏସଡିରେ ୩ ବର୍ଷରୁ ଅଧିକ ୪ ବର୍ଷରୁ କମ୍ ଅବଧିରେ ୧ ମିଲିୟନ ଡଲାର ପର୍ଯ୍ୟନ୍ତ ଜମା ରାଶି ପାଇଁ ୬% ସୁଧ ରହିଥିବା ବେଳେ ୧ ମିଲିୟନ ଡଲାରରୁ ୫ ମିଲିୟନ ଡଲାର ପର୍ଯ୍ୟନ୍ତ ଜମା ରାଶିରେ ୬.୦୫% ଓ ୫ ମିଲିୟନ ଡଲାରରୁ ଅଧିକ ଜମା ରାଶି ଉପରେ ୬.୧୦% ସୁଧ ରହିଛି। ସେହିପରି ୪ ବର୍ଷରୁ ଅଧିକ ୫ ବର୍ଷରୁ କମ୍ ଅବଧିରେ ୧ ମିଲିୟନ ଡଲାର ପର୍ଯ୍ୟନ୍ତ ଜମା ରାଶି ପାଇଁ ୬.୦୫% ସୁଧ ରହିଥିବାବେଳେ ୧ ମିଲିୟନ ଡଲାରରୁ ୫ ମିଲିୟନ ଡଲାର ପର୍ଯ୍ୟନ୍ତ ଜମା ରାଶିରେ ୬.୧୦% ଓ ୫ ମିଲିୟନ ଡଲାରରୁ ଅଧିକ ଜମା ରାଶି ଉପରେ ୬.୧୫% ସୁଧ ରହିଛି। ୫ ବର୍ଷ ଅବଧି ପାଇଁ ୧ ମିଲିୟନ ଡଲାର ପର୍ଯ୍ୟନ୍ତ ଜମା ରାଶି ପାଇଁ ୬.୧୦% ସୁଧ ରହିଥିବା ବେଳେ ୧ ମିଲିୟନ ଡଲାରରୁ ୫ ମିଲିୟନ ଡଲାର ପର୍ଯ୍ୟନ୍ତ ଜମା ରାଶିରେ ୬.୧୫% ଓ ୫ ମିଲିୟନ ଡଲାରରୁ ଅଧିକ ଜମା ରାଶି ଉପରେ ୬.୨୦% ସୁଧ ରହିଛି।

# ଆର୍‌ବିଆଇରେ ପଡିରହିଛି ୭୮ ହଜାର କୋଟି ଜମା

**ନୂଆଦିଲ୍ଲୀ,୧୭।୬(ଏଜେନ୍ସି):** ଦେଶର ବିଭିନ୍ନ ବ୍ୟାଙ୍କରେ ପ୍ରାୟ ୭୮ ହଜାର କୋଟି ଟଙ୍କାର ଦାବିବିହୀନ ଜମା ରାଶି ପଡି ରହିଛି। ଏହି ଅର୍ଥକୁ ପୁନରୁଦ୍ଧାର କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏକ ସ୍ୱତନ୍ତ୍ର ଅଭିଯାନ ଚଳାଉଛି। ଏଥିପାଇଁ ଏକ ସମର୍ପିତ ପୋର୍ଟାଲ୍ ଆରମ୍ଭ କରାଯାଇଛି, ଏବଂ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯାଉଛି। ଆର୍‌ବିଆଇର ଉଦ୍‌ଗମ୍ (ଅଣଦାବିଯୁକ୍ତ ଜମା ଗେଟୱେ ଟୁ ଆକ୍ସେସ ଇନଫର୍ମେସନ) ପୋର୍ଟାଲ୍ ବ୍ୟବହାର କରି ଦାବି ବିହୀନ ଜମା ରଶି ସମ୍ପର୍କରେ ଜାଣିହେବ। ଆର୍‌ବିଆ ସୂଚନା ମୁତାବକ ଆନୁମାନିକ ୭୪,୫୮୦.୪୫ କୋଟି ଟଙ୍କା (ପ୍ରାୟ ୭୪ ବିଲିୟନ ଡଲାର) ଆର୍‌ବିଆଇର ଜମାକାରୀ ଶିକ୍ଷା ଏବଂ ସଚେତନତା (ଡିଇଏ) ପାଣ୍ଠିରେ ଜମା କରାଯାଇଛି। ଯଦି ଅନୁସୂଚିତ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ସାମିଲ କରାଯାଏ, ତେବେ ଦାବିଦାର ନ ଥିବା ଏହି ପାଣ୍ଠି ପରିମାଣ ମୋଟ ପ୍ରାୟ ୭୮ ହଜାର କୋଟି ଟଙ୍କା ହେବ। ନିଷ୍କ୍ରିୟ ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇଥିବା ଦାବି ବିହୀନ ପାଣ୍ଠି ଆର୍‌ବିଆଇର ଡିଇଏ ପାଣ୍ଠିକୁ ସ୍ଥାନାନ୍ତରିତ ହୁଏ। ଆର୍‌ବିଆଇର ଉଦ୍‌ଗମ୍ ପୋର୍ଟାଲ୍ ବର୍ତ୍ତମାନ ୩୦ଟି ବ୍ୟାଙ୍କକୁ କଭର କରୁଛି।

## ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜିଳୀ ଯୋଜନା

# ପ୍ରଥମ ସୋଲାର ଦିଦି ବ୍ୟାଚ୍‌ର ସଫଳ ପ୍ରଶିକ୍ଷଣ

**ଭୁବନେଶ୍ୱର,୧୭।୬(ସମିସ):** ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍), କଟକସ୍ଥିତ ଟାଟା ପାୱାର ସ୍କିଲ୍ ଡେଭେଲପମେଣ୍ଟ ; ଇନଷ୍ଟିଚ୍ୟୁଟ୍ (ଟିପିଏସଡିଆଇ)ରେ ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜିଳି ଯୋଜନାର ସୋଲାର ଦିଦି କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାର ପ୍ରଥମ ସୋଲାର ହେଲ୍‌ପର ପ୍ରଶିକ୍ଷଣ ବ୍ୟାଚ୍ ସଫଳତାର ସହ ସେମାନଙ୍କ ଟ୍ରେନିଂ ଶେଷ କରିଛନ୍ତି। ଏହି ସୋଲାର ଦିଦି କାର୍ଯ୍ୟକ୍ରମ ହେଉଛି ଭାରତ ସରକାରଙ୍କ ନୂତନ ଏବଂ ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ (ଏମଏନଆରଇ) ଏବଂ ଗୃହନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ଏକ ଯୌଥ କାର୍ଯ୍ୟକ୍ରମ, ଯାହାକି ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା - ଜାତୀୟ ସହରାଞ୍ଚଳ ଆଜୀବିକା ମିଶନ ଅଧୀନରେ



କାର୍ଯ୍ୟକାରୀ ହେଉଛି। କଟକ ମହାନଗର ନିଗମ (ସିଏମସି) ଦ୍ୱାରା ଚିହ୍ନଟ ହୋଇଥିବା ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା - ଜାତୀୟ ସହରାଞ୍ଚଳ ଆଜୀବିକା ମିଶନ ଅଧୀନରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ର ସମୁଦାୟ ୨୯ ଜଣ ମହିଳା ପ୍ରତିନିଧି ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସଫଳତାର ସହ ଶେଷ କରିଛନ୍ତି। ଏହି ଅଂଶଗ୍ରହଣକାରୀମାନଙ୍କୁ ରୁଫ୍‌ଟପ୍ ସୋଲାର ପ୍ରଣାଳୀର ବୈଷୟିକ ଜ୍ଞାନ, ଯେପରିକି ସ୍ଥାପନ ପ୍ରକ୍ରିୟା, ପରିଚାଳନା ଓ ରକ୍ଷଣାବେକ୍ଷଣ, ଉପଭୋକ୍ତା ସଚେତନତା ଏବଂ ସୌର ଶକ୍ତି ବ୍ୟବହାରର ପ୍ରସାର ବିଷୟରେ ଶିକ୍ଷା ଦିଆଯାଇଛି। ଏହି ଅବସରରେ ଟିପିସିଓଡିଏଲ ର ସିଇଓ ଗଜାନନ ଏସ୍. କାଲେ କହିଛନ୍ତି ଯେ, ଓଡ଼ିଶାର ପ୍ରଥମ ସୋଲାର ଦିଦି ପ୍ରଶିକ୍ଷଣ ବ୍ୟାଚ୍‌ର ସଫଳ ସମାପ୍ତି ମହିଳାମାନଙ୍କୁ ସଶକ୍ତ କରିବା ଏବଂ ରୁଫ୍‌ଟପ୍ ସୌର ଶକ୍ତିର ବ୍ୟବହାରକୁ ତ୍ୱରାନ୍ୱିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

## ପୁରୀ ରେଳ ଷ୍ଟେସନରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ

# ପୁରୀ-ପାରାଦୀପ ଇଣ୍ଟରସିଟି ଦୁଇ ଦିନ ବାତିଲ

**ଭୁବନେଶ୍ୱର,୧୭।୬(ସମିସ):** ପୁରୀ ରେଳ ଷ୍ଟେସନରେ ଚାଲିଥିବା ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ , ଭିତ୍ତିଭୂମିର ଉନ୍ନତୀକରଣ, କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ଏବଂ ଟ୍ରେନ୍ ଚଳାଚଳରେ ଅଧିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପୂର୍ବତଟ ରେଳପଥ କେତେକ ଟ୍ରେନ୍ ସେବା ଚଳାଚଳରେ ସାମୟିକ ପରିବର୍ତ୍ତନ ଘୋଷଣା କରିଛି। ଚାଲିଥିବା ଆଧୁନିକୀକରଣ କାର୍ଯ୍ୟ ଯୋଗୁଁ ୧୮୪୧୩/୧୮୪୧୪ ପୁରୀ–ପାରାଦୀପ–ପୁରୀ ଇଣ୍ଟରସିଟି ଏକ୍ସପ୍ରେସ୍ ୧୮ ଏବଂ ୧୯ ଜୁନ୍‌ରେ ବାତିଲ ରହିବ। ୧୮୪୧୫ ବଡ଼ବିଲ୍–ପୁରୀ ଏକ୍ସପ୍ରେସ୍, ଯାହା ୧୯ ଜୁନ୍‌ରେ ବଡ଼ବିଲ୍‌ରୁ ଯାତ୍ରା ଆରମ୍ଭ କରିବାକୁ ଥିବାବେଳେ ୧୮୪୧୬ ପୁରୀ–ବଡ଼ବିଲ୍ ଏକ୍ସପ୍ରେସ୍, ଯାହା ୧୮ ଜୁନ୍ ୨୦୨୬ ରେ ପୁରୀରୁ ଯାତ୍ରା ଆରମ୍ଭ କରିବ। ଏହା ସହିତ, କେତେକ ଟ୍ରେନ୍ ୧୮ ଏବଂ ୧୯ ଜୁନ୍‌ରେ ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେସନରେ ସଂକ୍ଷିପ୍ତ ସମାପ୍ତି (ଶର୍ଟ-ଟର୍ମିନେଟ୍) ଏବଂ ସଂକ୍ଷିପ୍ତ ଉତ୍ପତ୍ତି (ଶର୍ଟ-ଓରିଜିନେଟ୍) ହେବ। ସେଗୁଡିକ



ହେଉଛି, ୬୮୪୨୧ ଅନୁଗୁଳ–ପୁରୀ ମେମୁ ପୁରୀ ବଦଳରେ ଖୋର୍ଦ୍ଧା ରୋଡ୍ ଠାରେ ସଂକ୍ଷିପ୍ତ ସମାପ୍ତ ହେବ। ୬୮୪୨୨ ପୁରୀ–ଅନୁଗୁଳ ମେମୁ ପୁରୀ ବଦଳରେ ଖୋର୍ଦ୍ଧା ରୋଡ୍‌ରୁ ଯାତ୍ରା ଆରମ୍ଭ କରିବାକୁ ଥିବାବେଳେ ୧୨୮୨୧ ଶାଲିମାର୍–ପୁରୀ ଏକ୍ସପ୍ରେସ୍ ପୁରୀ ବଦଳରେ ଖୋର୍ଦ୍ଧା ରୋଡ୍ ଠାରେ ସଂକ୍ଷିପ୍ତ ସମାପ୍ତ ହେବ। ୧୨୮୨୨ ପୁରୀ–ଶାଲିମାର୍ ଏକ୍ସପ୍ରେସ୍ ୧୯ ଏବଂ ୨୦ ଜୁନ୍‌ରେ ପୁରୀ ବଦଳରେ ଖୋର୍ଦ୍ଧା ରୋଡ୍‌ରୁ ଯାତ୍ରା ଆରମ୍ଭ କରିବ। ଟ୍ରେନଗୁଡ଼ିକର ଚଳାଚଳ ସମୟରେ ପରିବର୍ତ୍ତନ ଅନୁଯାୟୀ, ୧୮୪୫୨ ପୁରୀ–ହଟିଆ ତପସ୍ୱିନୀ ଏକ୍ସପ୍ରେସ୍, ଯାହା ୧୮ ଜୁନ୍ ରାତି ୦୮:୦୦ ଘଣ୍ଟାରେ ପୁରୀ ଛାଡିବାକୁ ନିର୍ଦ୍ଧାରିତ ଥିଲା, ତାହା ବର୍ତ୍ତମାନ ୧୯ ଜୁନ୍ ରାତି ୧୨:୪୫ ଘଣ୍ଟାରେ ପୁରୀରୁ ଛାଡିବ। ୧୨୮୦୧ ପୁରୀ-ଆନନ୍ଦ ବିହାର ଟର୍ମିନାଲ୍ ପୁରୁଷୋତ୍ତମ ଏକ୍ସପ୍ରେସ୍ , ଯାହା ୧୮ ଜୁନ୍‌ରେ ରାତି ୦୯:୫୫ ଘଣ୍ଟାରେ ପୁରୀରୁ ଛାଡିବାକୁ ନିର୍ଦ୍ଧାରିତ ଥିଲା, ତାହା ବର୍ତ୍ତମାନ ୧୯ ଜୁନ୍ ରାତି ୧୨:୧୫ ଘଣ୍ଟାରେ ପୁରୀରୁ ଛାଡିବ। ଯାତ୍ରୀମାନଙ୍କୁ ଉପରୋକ୍ତ ପରିବର୍ତ୍ତନଗୁଡ଼ିକୁ ଦୃଷ୍ଟିରେ ରଖି ସେହି ଅନୁଯାୟୀ ସେମାନଙ୍କର ଯାତ୍ରା ଯୋଜନା କରିବାକୁ ରେଳବାଇ ପକ୍ଷରୁ ପରାମର୍ଶ ଦିଆଯାଇଛି।

